ଆଜି - ବୁଧବାର
ତାରିଖ - ୦୬ ମଇ ୨୦୨୬
ମାସ - ମେଷ, ଦିନ - ୨୩
ତିଥି - ଚତୁର୍ଥୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - ମୂଳା, ଧନୁ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୯: ୦୦
ସୂର୍ଯ୍ୟାସ୍ତ - ୬ : ୦୮ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ଘରଚଟିଆ ଚଢ଼େଇମାନଙ୍କୁ ଦେଖ, ସେମାନେ ପର ମୁହୂର୍ତ୍ତରେ କ'ଣ କରିବେ, ଜାଣନ୍ତି ନାହିଁ । ଠିକ୍ ସେମିତି ଆମକୁ ପ୍ରତି ମୁହୂର୍ତ୍ତରେ ସମୟର ଅନୁରୂପତା ଆବଶ୍ୟକ କାମ କରି ବଂଚିବାକୁ ହେବ । "

- ମହାତ୍ମା ଗାନ୍ଧୀ


E-News : www.Ajikali epaper.com

Vol.- 41 ISSUE- 22 R.N.I. REGD. No. 44026/86 ବାଲେଶ୍ୱର ୦୬ ମଇ ୨୦୨୬ ବୁଧବାର BALASORE 06 MAY 2026 WEDNESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ୟୁଏଇର ଫୁଜୈରାହ ହମ୍‌ଲାକୁ ନିନ୍ଦା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂଯୁକ୍ତ ଆରବ



ଏମିରେଟସ୍ (ୟୁଏଇ)ର ଫୁଜୈରାହ ପେଟ୍ରୋଲିୟମ ଶିଳ୍ପ କ୍ଷେତ୍ର ଉପରେ ଇରାନଙ୍କ ଡ୍ରୋନ ଆକ୍ରମଣକୁ ନିନ୍ଦା କରିଛନ୍ତି । ଏହି ଆକ୍ରମଣରେ ଅଗ୍ନିକାଣ୍ଡ ଘଟିଥିଲା ଏବଂ ସେଠାରେ କାମ କରୁଥିବା ତିନିଜଣ ଭାରତୀୟ ନାଗରିକ ଆହତ ହୋଇଥିଲେ । ସେ ନାଗରିକ ଏବଂ ଭିତିଭୂମିକୁ ଲକ୍ଷ୍ୟ କରିବାକୁ ଅସ୍ୱୀକାରଯୋଗ୍ୟ ବୋଲି କହିଥିବା ସହ ହର୍ମୁଜ ପ୍ରଣାଳୀ ମାର୍ଗର ସୁରକ୍ଷିତ ଆଗମନ-ପ୍ରସ୍ଥାନର ଗୁରୁତ୍ୱ ଉପରେ ଜୋର ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦି 'ଏକ୍ସ'ରେ କହିଛନ୍ତି, "ସଂଯୁକ୍ତ ଆରବ ଏମିରେଟସ୍ ଉପରେ ହୋଇଥିବା ଆକ୍ରମଣଗୁଡ଼ିକୁ ଆମେ କଠୋର ଭାବରେ ନିନ୍ଦା କରୁଛୁ, ଯେଉଁଥିରେ ତିନିଜଣ ଭାରତୀୟ ନାଗରିକ ଆହତ ହୋଇଛନ୍ତି । ନାଗରିକ ଏବଂ ଭିତିଭୂମିକୁ ଲକ୍ଷ୍ୟ କରିବା ଅସ୍ୱୀକାରଯୋଗ୍ୟ । ଭାରତ ସଂଯୁକ୍ତ ଆରବ ଏମିରେଟସ୍ ସହ ସମ୍ପୂର୍ଣ୍ଣ ଏକତାରେ ରହିଛି ଏବଂ ସମ୍ବାଦ ଓ କୂଟନୀତି ମାଧ୍ୟମରେ ସମସ୍ତ ପ୍ରସଙ୍ଗର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ନିଜର ସମର୍ଥନ ଦୋହରାଉଛୁ । ହର୍ମୁଜ ପ୍ରଣାଳୀ ମାର୍ଗରୁ ସୁରକ୍ଷିତ ଏବଂ ନିର୍ବିଘ୍ନ ଆଗମନ-ପ୍ରସ୍ଥାନ ନିଶ୍ଚିତ କରିବା ଆଂଚଳିକ ଶାନ୍ତି, ସ୍ଥିରତା ଏବଂ ବିଶ୍ୱ ଉର୍ଜା ସୁରକ୍ଷା ପାଇଁ ଅତ୍ୟନ୍ତ ଆବଶ୍ୟକ ।" ଏହାପୂର୍ବରୁ ବିଦେଶ ମନ୍ତ୍ରାଳୟ ମଧ୍ୟ ଫୁଜୈରାହ ଉପରେ ହୋଇଥିବା ଆକ୍ରମଣରେ ତିନିଜଣ ଭାରତୀୟ ନାଗରିକ ଆହତ ହେବା ଘଟଣାକୁ ଅସ୍ୱୀକାରଯୋଗ୍ୟ ବୋଲି କହିଥିଲା । ଭାରତ ତୁରନ୍ତ ଶତ୍ରୁତା ବନ୍ଦ କରିବା ଏବଂ ଭିତିଭୂମି ଓ ନିର୍ଦ୍ଦୋଷ ନାଗରିକଙ୍କୁ ଲକ୍ଷ୍ୟ କରିବାକୁ ରୋକିବାକୁ ଆହ୍ୱାନ କରିଛି । ବିଦେଶ ମନ୍ତ୍ରାଳୟର ପ୍ରବକ୍ତା ଏକ ଆଧିକାରିକ ବିବୃତି ଜାରି କରି କହିଥିଲେ ଯେ ଏହି ପରିସ୍ଥିତି ସମାଧାନ ପାଇଁ ଭାରତ ସମ୍ବାଦ ଏବଂ କୂଟନୀତିର ପକ୍ଷପାତୀ, ଯାହାଦ୍ୱାରା ପଶ୍ଚିମ ଏସିଆରେ ଶାନ୍ତି ଓ ସ୍ଥିରତା ପୁନସ୍ଥାପିତ ହେବ । ଆମେ ଆନ୍ତର୍ଜାତୀୟ ଆଇନ ଅନୁଯାୟୀ ହର୍ମୁଜ ପ୍ରଣାଳୀ ମାର୍ଗରୁ ନିର୍ବିଘ୍ନ ନୌଚାଳନ ଓ ବାଣିଜ୍ୟକୁ ମଧ୍ୟ ଦାବି କରୁଛୁ । ଭାରତ ସମସ୍ତ ପ୍ରସଙ୍ଗର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ହୋଇଥିବା ପ୍ରୟାସଗୁଡ଼ିକୁ ସମର୍ଥନ କରିବାକୁ ପ୍ରସ୍ତୁତ ଅଛି ।

## ଗୁଜରାଟର ଓଡ଼ିଶା ନିବେଶକ ସମ୍ମିଳନୀ ଅନୁଷ୍ଠିତ ଶିଳ୍ପପତିମାନଙ୍କୁ ଭେଟି ଆଲୋଚନା କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାରଠାରୁ ତିନି ଦିନିଆ ଗୁଜରାଟ ଗସ୍ତ ଆରମ୍ଭ କରିଛନ୍ତି । ଆଜି ଆୟୋଜିତ ଓଡ଼ିଶା ନିବେଶକ ସମ୍ମିଳନୀରେ ସେ ଶିଳ୍ପପତିମାନଙ୍କୁ ଭେଟି ପ୍ରତ୍ୟକ୍ଷ ଆଲୋଚନା କରିଛନ୍ତି । ନିବେଶକମାନଙ୍କ ପସନ୍ଦ ପାଲଟିଥିବା ଓଡ଼ିଶାରେ ନିବେଶ କରିବାକୁ ସେ ନିବେଶକମାନଙ୍କୁ ଆହ୍ୱାନ ଦେଇଛନ୍ତି । ନିବେଶକମାନେ ଓଡ଼ିଶାର ରସାୟନ, ଗ୍ଲାସ୍ ଓ ଉପକରଣ, ଧାତବ ଭଳି କ୍ଷେତ୍ରରେ ପୁଞ୍ଜିନିବେଶ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ପୁଞ୍ଜିନିବେଶ ଆଣିବାକୁ ଯାଇଥିବା ମୁଖ୍ୟମନ୍ତ୍ରୀ ଓ ତାଙ୍କ ଟିମ୍‌କୁ ଅହମଦାବାଦରେ ଭବ୍ୟ ସ୍ୱାଗତ କରାଯାଇଥିଲା । ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କୁ ଅସାହି ସଙ୍ଗଓ୍ୱନ କଲର୍ସ ଲିମିଟେଡ୍‌ର ଏମ୍‌ଡି ଓ ସିଇଓ ଗୋକୁଳ ଜୟକୃଷ୍ଣ, ଅତୁଲ ଲିମିଟେଡ୍‌ର ନିସ୍ମା ଲାଲଭାଇ, ନିର୍ମା ଲିମିଟେଡ୍‌ର କର୍ସନଭାଇ ପଟେଲ, ଆରଏମ୍‌ଟିଏଲ୍‌ର ପ୍ରକାଶ ସାଂଘଭି ଓ ବୋରୋସିଲ୍ ଲିମିଟେଡ୍‌ର ସିଇଓ ମେଲ୍‌ଓ୍ୱିନ ମୋସେସ୍ ସାକ୍ଷାତ କରିଥିଲେ । ଗୁଜରାଟ ଗସ୍ତ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ରାଜ୍ୟବାସୀଙ୍କ କଲ୍ୟାଣ ଓ ଓଡ଼ିଶାକୁ ପ୍ରଗତିର ଶୀର୍ଷକୁ ନେବା ପାଇଁ ଆମ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି । ରାଜ୍ୟର ଶିଳ୍ପ ସମୃଦ୍ଧି ଓ ଆମ ଯୁବବର୍ଗଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଆମର ସ ?ର୍ବୋଚ୍ଚ ପ୍ରାଥମିକତା । ସେହି ସଂକଳ୍ପକୁ ସାକାର କରିବା ପାଇଁ ନିବେଶକମାନଙ୍କୁ ଆକୃଷ୍ଟ କରି ଓଡ଼ିଶାରେ ଶିଳ୍ପ ଓ ନିଯୁକ୍ତିକୁ ଆହୁରି ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ମୁଁ ଗୁଜରାଟ ଗସ୍ତରେ ଆସିଛି । ବିଶ୍ୱସ୍ତରୀୟ ପୁଞ୍ଜିନିବେଶକାରୀଙ୍କୁ ଓଡ଼ିଶାର ଶିଳ୍ପ ସାମର୍ଥ୍ୟ ସହ ପରିଚିତ କରାଇବା ଏବଂ ସେମାନଙ୍କୁ ଆମ ରାଜ୍ୟର ଏହି ଅପରାଜେୟ ବିକାଶ ଯାତ୍ରାରେ ସହଭାଗୀ କରାଇବା ଏହି ଗସ୍ତର ମୂଳ ଅଭିପ୍ରାୟ। ଆମର ଯୁବଶକ୍ତିଙ୍କ ପାଇଁ ନିଜ ମାଟିରେ ହିଁ ସମ୍ମାନଜନକ ଜୀବିକାର ସୁଯୋଗ ସୃଷ୍ଟି କରିବା ସହ ଏକ ସମୃଦ୍ଧ ଓ ଆତ୍ମନିର୍ଭର ଓଡ଼ିଶା ଗଠନ ଦିଗରେ ଏହି ପଦକ୍ଷେପ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି । ଏହି ଅବସରରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଚୟନ ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ ହେଲେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ : ପଶ୍ଚିମବଙ୍ଗରେ ବିଧାୟକ ଦଳ ନେତା ନିର୍ବାଚନ ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ । କେନ୍ଦ୍ର ମନ୍ତ୍ରୀ ଅମିତ ଶାହ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି । ସେହିଭଳି ସହ ପର୍ଯ୍ୟବେକ୍ଷକ ଭାବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ମିଳିଛି ନିଯୁକ୍ତି । ବିଜେପି ସଂସଦୀୟ ବୋର୍ଡ ପକ୍ଷରୁ ଏହି ସୂଚନା ଦିଆଯାଇଛି । ୯ ତାରିଖରେ ପଶ୍ଚିମବଙ୍ଗରେ ସରକାର ଗଠନ କରିବ ବିଜେପି । ପ୍ରଥମ ଥର ଲାଗି ବିଜେପି ସରକାର ଗଠନ ହେବ । ପଶ୍ଚିମବଙ୍ଗରେ ବିଜେପି ଜିତିବା ପରେ ଏବେ କାହାକୁ ମୁଖ୍ୟମନ୍ତ୍ରୀ କରାଯିବ, ତାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି । ଏମିତି ଦେଖିଲେ ବିଜେପି ନିର୍ବାଚନ ବେଳେ ମୁଖ୍ୟମନ୍ତ୍ରୀ ଚେହେରା ଘୋଷଣା କରି ନ ଥାଏ । ତେବେ ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ୬ ଜଣ ପ୍ରମୁଖ ନେତାଙ୍କ ନାମ ସାମ୍ନାକୁ ଆସୁଛି । ସବୁଠୁ ଆଗରେ ଅଛନ୍ତି ଶୁଭେନ୍ଦୁ ଅଧିକାରୀ । ସେ ନନ୍ଦିଗ୍ରାମ ଓ ଭବାନୀପୁରରୁ ଲଢ଼ି ଜିତିଛନ୍ତି । ଦଳର ପ୍ରଚାର ଅଭିଯାନରେ ସେ ଆଗ ଧାଡ଼ିରେ ଥିଲେ । ତାଙ୍କ ପଛକୁ ଦିଲୀପ ଘୋଷଙ୍କ ନାମ ଆସୁଛି । ୨୦୨୧ରେ ବିଜେପିକୁ ମୁଖ୍ୟ ବିରୋଧୀ ଦଳ ବନାଇବାର ଶ୍ରେୟ ପୂର୍ବତନ ପ୍ରଦେଶ ଅଧ୍ୟକ୍ଷ ଦିଲୀପଙ୍କୁ ଦିଆଯାଏ ।



ଏବେ ସେ ଅଧ୍ୟକ୍ଷ ନାହାନ୍ତି । କିନ୍ତୁ ବେଙ୍ଗଲ ରାଜନୀତିରେ ତାଙ୍କ ପ୍ରଭାବ ଆଜି ବି କାଏମ ରହିଛି । ଏଭଳି ସ୍ଥିତିରେ ବେଙ୍ଗଲ ମୁଖ୍ୟମନ୍ତ୍ରୀ ଦୌଡ଼ରେ ତାଙ୍କୁ ଜଣେ ମଜଭୁତ ବିକଳ୍ପ ଭାବେ ଦେଖାଯାଏ । ବେଙ୍ଗଲ ବିଜେପିର ଅଧ୍ୟକ୍ଷ ସମୀକ ଭଟ୍ଟାଚାର୍ଯ୍ୟ ଦଳରେ ସମସ୍ତଙ୍କୁ ସାଥିରେ ନେଇ ଚାଲିଥାନ୍ତି । ସେଥିପାଇଁ ସେ ବେଶ୍ ଲୋକପ୍ରିୟ । ପରଦା ପଛରେ ରହି ବିଜେପି ପାଇଁ ସେ ବଡ଼ ଭୂମିକା ନିର୍ବାହ କରିଛନ୍ତି । ତେଣୁ ତାଙ୍କୁ ଦଳ କମାଣ ଦେଇପାରେ । ଏହାଛଡ଼ା ବିଜେପି କୌଣସି ମହିଳା ନେତ୍ରୀଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ଉପରେ ବିଚାର କରିପାରେ । ପେସାରେ ଫ୍ୟାସନ ଡିଜାଇନର ଅଗ୍ନିମିତ୍ରା ପଲ୍‌ଙ୍କ ନାମ ଏଥିରେ ସବା ଉପରେ ରହିଛି ।

## ଅଳ୍ପରେ ଖବର

▸▸ ଆଇନ ତଥ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଙ୍ଗଳବାର ଦିନ କୋରାପୁଟର ସୀମାନ୍ତ ଅଂଚଳ କୋଟିଆରେ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ, ବାର୍ଦ୍ଧକ୍ୟ ଭତା ଏବଂ ପଟ୍ଟା ବଂଟନ କରିଛନ୍ତି ।

▸▸ ପଶ୍ଚିମବଙ୍ଗରେ ବିଜେପିର ବିପୁଳ ବିଜୟ ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ପଶ୍ଚିମବଙ୍ଗବାସୀଙ୍କୁ ପ୍ରଥମେ ଧନ୍ୟବାଦ କାରଣ ସେମାନେ ବିକାଶ , ନାରୀ ସୁରକ୍ଷା ,ଏବଂ ଦେଶର ସାର୍ବଭୌମତ୍ୱ ନାଁରେ ବିଜେପିକୁ ବିଜୟୀ କରିଛନ୍ତି ।

▸▸ କେନ୍ଦ୍ରମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ମନୋହର ଲାଲ ଖଟ୍ଟର ଜୀଙ୍କୁ ଜନ୍ମଦିନର ହାର୍ଦ୍ଦିକ ଅଭିନନ୍ଦନ ।

▸▸ ବିଶ୍ୱ ହସ୍ତ ସ୍ୱଚ୍ଛତା ଦିବସରେ ସଚେତନତା ସୃଷ୍ଟି କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଆହ୍ୱାନ ଦେଇଛନ୍ତି ।

## ନୂଆଦିଲ୍ଲୀରେ ଆଇଆଇଟି ମାଡ୍ରାସର 'ଟେକ୍ନୋଲୋଜି ସମିଟ୍ -୨୦୨୬'କୁ ଉଦ୍‌ଘାଟନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ନୂଆଦିଲ୍ଲୀ : ଲୋକଙ୍କ ସମସ୍ୟା ଦୂର କରିବା ହିଁ ପ୍ରକୃତ ଇନୋଭେସନ୍ । କାଗଜପତ୍ର, ପେଟେଂଟ କିମ୍ବା ଆଇପିଓ ମାଧ୍ୟମରେ ପ୍ରଗତିକୁ ମାପିବାର ସମୟ ଏବେ ଶେଷ ହୋଇଛି ବୋଲି ଆଜି ଆଇଆଇଟି ମାଡ୍ରାସର 'ଟେକ୍ନୋଲୋଜି ସମିଟ୍ -୨୦୨୬' କୁ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ଗବେଷଣା, ବିକାଶ(ଆର ଆଣ୍ଡ୍ ଡି) ଏବଂ ନବାଚାର ପାଇଁ ୧ ଲକ୍ଷ କୋଟି ଟଙ୍କାର ପାଣ୍ଠି ତିଆରି କରିଛନ୍ତି । ବର୍ତ୍ତମାନ ଦେଶରେ ସରକାର ଗବେଷଣାକୁ ବିଶେଷ ଭାବରେ ପ୍ରୋତ୍ସାହନ ଦେଉଛନ୍ତି । ତେବେ ଆଗାମୀ ଦିନରେ ଶିଳ୍ପ ସଂସ୍ଥା ଏବଂ




ସରକାରଙ୍କ ମଧ୍ୟରେ ଭାଗିଦାରୀ ରହିଲେ ହିଁ ଭାରତର ଇନୋଭେସନ ବ୍ୟବସ୍ଥା ଆନ୍ତର୍ଜାତୀୟ ସ୍ତରର ହୋଇପାରିବ ବୋଲି ସେ କହିଛନ୍ତି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଆଇଆଇଟି ମାଡ୍ରାସ ଦ୍ୱାରା 'ଇନଷ୍ଟିଚ୍ୟୁଟ୍ ଅଫ୍ ଏମିନେନ୍ସ' (ଆଇଓଇ) ଢାଂଚା ଅଧୀନରେ ପ୍ରତିଷ୍ଠିତ ୧୫ଟି ଉତ୍କର୍ଷ କେନ୍ଦ୍ରର ଗବେଷଣା ଭିତିଭୂମି ଉପରେ ଆଧାରିତ । ଏଠାରେ ସ୍ୱାସ୍ଥ୍ୟସେବା ଏବଂ ସ୍ଥାୟୀ ବିକାଶ ଠାରୁ ଆରମ୍ଭ କରି ସେମିକଣ୍ଡକ୍ଟର, ଉର୍ଜା ଏବଂ ଅତ୍ୟାଧୁନିକ ସାମଗ୍ରୀ ପର୍ଯ୍ୟନ୍ତ ସାମାଜିକ ଆହ୍ୱାନଗୁଡ଼ିକର ସିଧାସଳଖ ସମାଧାନ କରୁଥିବା ପ୍ରଯୁକ୍ତିବିଦ୍ୟାଗୁଡ଼ିକୁ ପ୍ରଦର୍ଶିତ କରାଯାଉଛି । "ଫର୍ମ ଆଇଆଇଟିଏମ ଫର୍ ଭାରତ. ବିଲ୍ଡିଂ ଟୁଗେଦର" ଶୀର୍ଷକ ବିଷୟବସ୍ତୁ ବାସ୍ତବରେ ଆତ୍ମନିର୍ଭର ଭାରତକୁ ପ୍ରତିଫଳିତ କରୁଛି । ସେ ଆହୁରି କହିଛନ୍ତି ଯେ, ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ର ହେବା ସହ ବିଶ୍ୱର ପ୍ରଗତିଶୀଳ ରାଷ୍ଟ୍ର ବା 'ଗ୍ଲୋବାଲ ସାଉଥ୍' ପାଇଁ ଏକ ମଡେଲ ସାଜିବ । ଏଥିପାଇଁ ଆମର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକୁ ସେମାନଙ୍କ ଗବେଷଣାକୁ ବ୍ୟବସାୟିକ ଭାବେ ସଫଳ ଓ ସାମାଜିକ ଭାବେ ଗ୍ରହଣୀୟ କରିବାକୁ ପଡ଼ିବ । ଏହି ସମ୍ମିଳନୀରେ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଜୟନ୍ତ ଚୌଧୁରୀ, ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ପ୍ରଫେସର ଭି. କାମାକୋଟି, ଶିକ୍ଷା ସଚିବ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ପରିଶେଷରେ ମନ୍ତ୍ରୀ ସମ୍ମିଳନୀ ପରିସରରେ ଆୟୋଜିତ ଏକ ବୃହତ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନୀକୁ ବୁଲି ଦେଖିବା ସହ ଯୁବ ଗବେଷକମାନଙ୍କୁ ଉତ୍ସାହିତ କରିଥିଲେ ।

## ଚିଲିକା ହ୍ରଦର ସମସ୍ତ ନୌକାରେ ଯାତ୍ରୀଙ୍କ ପାଇଁ ଲାଇଫ୍ ଜ୍ୟାକେଟ୍ ବାଧ୍ୟତାମୂଳ

ଖୋର୍ଦ୍ଧା : ଚଳିତ ମାସ ଦ୍ୱିତୀୟ ସପ୍ତାହରେ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ବାତ୍ୟା ରୂପ ନେବ ବୋଲି ଭାରତୀୟ ଆଂଚଳିକ ପାଣିପାଗ ବିଭାଗ ଆଶଙ୍କା କରିଛି । ଏଣୁ ଜିଲ୍ଲା ପ୍ରଶାସନକୁ ବାତ୍ୟା ଭୟ ଘାରିଛି । ତେଣୁ ବାତ୍ୟା ସମୟରେ ଲୋକଙ୍କ ଧନ ଜୀବନ ସୁରକ୍ଷା ଉପରେ ପ୍ରଶାସନ ଗୁରୁତ୍ୱାରୋପ କରିଛି । ଚିଲିକାରେ ବିନା ଲାଇଫ୍ ଜ୍ୟାକେଟରେ ପର୍ଯ୍ୟଟକଙ୍କ ନୌବିହାର ଏବଂ ଯାତ୍ରୀ ପରିବହନ ଉପରେ ଜିଲ୍ଲା ପ୍ରଶାସନ ରୋକ୍ ଲଗାଇଛି । ତେଣୁ ଚିଲିକା ଜଳଯାତ୍ରା ଓ ନୌକା ବିହାରରେ ବ୍ୟବହୃତ ଡଙ୍ଗା ଓ ବୋଟ୍ ମାଲିକଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି । ୨୦୦୪ ମସିହା ଆଇନ ଅନୁସାରେ ଚିଲିକାରେ ଚଳାଚଳ କରୁଥିବା ସମସ୍ତ ସରକାରୀ ଓ ଘରୋଇ ଡଙ୍ଗାଗୁଡ଼ିକରେ ପର୍ଯ୍ୟଟକ ଓ ଯାତ୍ରୀ ବିନା ଲାଇଫ୍ ଜ୍ୟାକେଟରେ ଜଳଯାତ୍ରା କରିପାରିବେ ନାହିଁ ବୋଲି ପ୍ରଶାସନ ନିର୍ଦ୍ଦେଶ ଦେଇଛି । ଯଦି କୌଣସି ଡଙ୍ଗା, ବୋଟ୍ ମାଲିକ



ପ୍ରଶାସନ ନିର୍ଦ୍ଦେଶାନାମାକୁ ଉଲ୍ଲଙ୍ଘନ କରେ ତାହାହେଲେ ସଂପୃକ୍ତ ଡଙ୍ଗା ମାଲିକ ଓ ଚାଳକଙ୍କ ଉପରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନ ଚେତାବନୀ ଦେଇଛି । ସେହିପରି ଘରୋଇ ଡଙ୍ଗା ଓ ନୌକାର ପରମିଟ୍, ଫିଟ୍ନେସ୍ ଯାଂଚ କରିବାକୁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ବିଭାଗୀୟ ଅଧିକାରୀଙ୍କୁ ଆଦେଶ ଦେଇଥିବା ଜଣାପଡ଼ିଛି । ଯାତ୍ରୀ ଓ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଏ ସମ୍ପର୍କରେ ଜିଲ୍ଲାପାଳ ଚିଲିକା ତଟବର୍ତ୍ତୀ କାଳିଜାଇ ବୋଟ୍ ମାଲିକ ସଂଘ,ବଡ଼କୂଳ, ମା' କାଳିଜାଇ ଶ୍ରମିକ ସଂଗଠନକୁ ପତ୍ର ମାଧ୍ୟମରେ ଜଣାଇଛନ୍ତି । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ ଇସ୍ତାହାର ଜରିଆରେ ଅବଗତ କରାଯାଇଛି ।

## ଦେଶବ୍ୟାପୀ ବର୍ଷା ଓ କୁଆପଥର ମାଡ଼ ନେଇ ଆଇଏମ୍‌ଡିର ଆଲର୍ଟ

ଭୁବନେଶ୍ୱର/ନୂଆଦିଲ୍ଲୀ: ଏପ୍ରିଲ୍ ମାସର ପ୍ରଚଣ୍ଡ ଖରା ଏବଂ ଲଗାତାର ଝାଞ୍ଜି ପବନରୁ ଓଡ଼ିଶାବାସୀଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିବାକୁ ଯାଉଥିବା ବେଳେ ଏବେ କାଳବୈଶାଖୀର ଭୟ ଘାରିଛି । ଭାରତୀୟ



ପାଣିପାଗ ବିଭାଗର ତାଜା ପୂର୍ବାନୁମାନ ଅନୁଯାୟୀ, ମେ' ମାସ ଆରମ୍ଭରୁ ଦେଶର ପାଣିପାଗ ମିଜାଜରେ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳୁଛି । ଆଗାମୀ କିଛି ଦିନ ପାଇଁ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ଝଡ଼ତୋଫାନ, ବଜ୍ରପାତ ଏବଂ କୁଆପଥର ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି । ଆଗାମୀ ଦିନଗୁଡ଼ିକ ଓଡ଼ିଶାକୁ ସତର୍କ ରହିବାକୁ ହେବ । ରାଜ୍ୟର ଅନେକ ସ୍ଥାନରେ ୫୦ ରୁ ୬୦ କିଲୋମିଟର (ଏବଂ ସର୍ବାଧିକ ୭୦ କିମି) ବେଗରେ ପବନ ବହିବା ସହ ଭୟଙ୍କର କାଳବୈଶାଖୀ ହେବାର ସମ୍ଭାବନା ରହିଛି । କେବଳ ସେତିକି ନୁହେଁ, ଓଡ଼ିଶାର କିଛି ଅଂଚଳରେ ତୀବ୍ର କୁଆପଥର ମାଡ଼ ହୋଇପାରେ ବୋଲି ଆଇଏମ୍‌ଡି ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଛି । ଓଡ଼ିଶା ବ୍ୟତୀତ ଛତିଶଗଡ଼, ଉପକୂଳବର୍ତ୍ତୀ ଆନ୍ଧ୍ରପ୍ରଦେଶ, ପୂର୍ବ ଉତରପ୍ରଦେଶ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ମଧ୍ୟପ୍ରଦେଶରେ ମଧ୍ୟ ସମାନ ସ୍ଥିତି ଉପୁଜିବ । ଗତ କିଛି ସପ୍ତାହ ଧରି ସାରା ଦେଶ ଅସମ୍ଭାଳ ଗରମରେ ସିଝୁଥିଲା । କିନ୍ତୁ ସୋମବାରଠାରୁ ଉତରାଖଣ୍ଡ, ହରିୟାଣା, ଚଣ୍ଡିଗଡ଼ ଏବଂ ଦିଲ୍ଲୀ ସମେତ ପଶ୍ଚିମବଙ୍ଗ, ସିକ୍କିମ ଓ ହିମାଚଳ ପ୍ରଦେଶରେ ଆଶ୍ୱସ୍ତିଦାୟକ ଲଗାଣ ବର୍ଷା ରେକର୍ଡ କରାଯାଇଛି । ବିଶେଷ କରି ପଶ୍ଚିମ ଉତରପ୍ରଦେଶର ସମ୍ଭଲ ଜିଲ୍ଲାରେ ସର୍ବାଧିକ ୧୩ ସେଂଟିମିଟର ବର୍ଷା ହୋଇଛି, ଯାହାଫଳରେ ୟୁପିର ହରଦୋଇରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲସିୟସକୁ ଖସିଆସିଛି । ତେବେ ଗୋଟିଏ ପଟେ ଦେଶର ବିଭିନ୍ନ ଭାଗରେ ବର୍ଷା ଲାଗି ରହିଥିବା ବେଳେ ଅନ୍ୟପଟେ ରାଜସ୍ଥାନରେ ଏବେ ବି ଖରାର ତାଣ୍ଡବ ଜାରି ରହିଛି ।

## ସଡ଼କ ସୁରକ୍ଷାକୁ ପ୍ରାଧାନ୍ୟ ଦେବାକୁ ସମସ୍ତ ଆରଟିଓଙ୍କୁ ନିର୍ଦ୍ଦେଶ

କଟକ: ସଡ଼କ ଦୁର୍ଘଟଣା ହ୍ରାସ ଉପରେ ପ୍ରାଧାନ୍ୟ ଦେଇଛନ୍ତି ସରକାର । ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ବ୍ୟାପକ କରିବାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶରେ ସମସ୍ତ ଉପ ପରିବହନ ଆୟୁକ୍ତ (ଡିସିଟି), ଆଂଚଳିକ ପରିବହନ ଅଧିକାରୀ (ଆରଟିଓ) ଓ ଅତିରିକ୍ତ ଆଂଚଳିକ ପରିବହନ ଅଧିକାରୀ (ଏଆରଟିଓ)ଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି ପରିବହନ କମିସନର । ରାଜ୍ୟ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିବା ବେଳେ ଆଭାସୀ ଜରିଆରେ ଆରଟିଓମାନେ ଉପସ୍ଥିତ ଥିଲେ । ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ନିଜ ନିଜ ଜିଲ୍ଲା ଅନୁଯାୟୀ ଆବଶ୍ୟକୀୟ ସମସ୍ତ ପଦକ୍ଷେପ ବ୍ୟାପକ ଭାବରେ ଗ୍ରହଣ କରିବାକୁ ସମସ୍ତ ଆରଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପରିବହନ କମିସନର ଅମିତାଭ ଠାକୁର କହିଥିଲେ, ପ୍ରତିଦିନ ଯେଉଁଭଳି



ସଡ଼କ ଦୁର୍ଘଟଣା ଘଟୁଛି, ଏହା ଏକ ଚିନ୍ତାଜନକ ସ୍ଥିତି ସୃଷ୍ଟି କରୁଛି । ଏହାକୁ ହ୍ରାସ କରିବା ଦିଗରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି । ତେଣୁ ସମସ୍ତ ଆରଟିଓଙ୍କୁ ଗ୍ରାଉଣ୍ଡ ଜିରୋରରେ ଏ ଦିଗରେ ବ୍ୟାପକ କାର୍ଯ୍ୟ କରିବାକୁ ହେବ । ଅନେକ ଗାଡ଼ି ଚାଳକ ସଡ଼କ ସୁରକ୍ଷା ନିୟମ ମାନୁନାହାନ୍ତି । ମନଇଚ୍ଛା ଗାଡ଼ି ଚଲାଉଛନ୍ତି । ଆଉ ନିଜ ସହ ଅନ୍ୟମାନଙ୍କ ଜୀବନ ମଧ୍ୟ ନେଇଯାଉଛନ୍ତି । ଏହାକୁ ରୋକିବାକୁ ହେଲେ ଯୋଜନା ଭିତିରେ ଏନଫୋର୍ସମେଂଟ କରିବାକୁ ହେବ ବୋଲି ଶ୍ରୀ ଠାକୁର କହିଛନ୍ତି । ବିଶେଷକରି, ମଦ୍ୟପାନ କରି ଗାଡ଼ି ଚଲାଇବା, ମାଲବାହୀ ଗାଡ଼ିରେ ଯାତ୍ରୀ ନେବା, ରାଜପଥରେ ଅବୈଧ ପାର୍କିଂ କରିବା, ମନଇଚ୍ଛା ଗାଡ଼ିର ଆକାରରେ ପରିବର୍ତ୍ତନ କରି ଭାରସାମ୍ୟ ହରାଇବା, ଗାଡ଼ି ଚଲାଇବା ବେଳେ ମୋବାଇଲ ବ୍ୟବହାର କରିବା ଭଳି ନିୟମ ଉଲ୍ଲଙ୍ଘନକୁ ରୋକିବାକୁ ହେବ । ଏହା ବ୍ୟତୀତ ପ୍ରତି ଜିଲ୍ଲାସ୍ତରରେ ସଡ଼କ ସୁରକ୍ଷା ପାଇଁ ଯେଉଁ ଯେଉଁ ଆହ୍ୱାନ ରହିଛି, ପ୍ରତି ବିଭାଗର ସମନ୍ୱୟ ତଥା ଜିଲ୍ଲା ପ୍ରଶାସନର ସହଯୋଗରେ ଏହାର ସମାଧାନ କରିବାକୁ ହେବ । ତେବେ କେବଳ ରେଗୁଲେଟର୍ ବା ନିୟନ୍ତ୍ରକ ଭୂମିକା ନିର୍ବାହ ନୁହେଁ, ଏଜୁକେଟର୍ ଭାବରେ ମଧ୍ୟ ଆଂଚଳିକ ପରିବହନ ଅଧିକାରୀଙ୍କୁ ଦାୟିତ୍ୱ ନେବାକୁ ହେବ । ଜନସାଧାରଣଙ୍କ ମଧ୍ୟରେ ନିୟମ ଉଲ୍ଲଙ୍ଘନ ଓ ଏହାର ଭୟାବହତା ସଂପର୍କରେ ସଚେତନତା ସୃଷ୍ଟି କରିବାକୁ ହେବ । ଏଥିପାଇଁ ଅଧିକରୁ ଅଧିକ ସଚେତନ ନାଗରିକଙ୍କ ସହଯୋଗ ନେଇ ସଡ଼କ ସୁରକ୍ଷାକୁ ଏକ ଅଭିଯାନ ଭାବରେ ଗ୍ରହଣ କରିବାକୁ ସେ କହିଛନ୍ତି । ସେହିଭଳି ଆରଟିଓମାନଙ୍କ ଦକ୍ଷତା ରିପୋର୍ଟରେ ଆଗକୁ ସଡ଼କ ସୁରକ୍ଷା ଦିଗରେ କାର୍ଯ୍ୟର ମଧ୍ୟ ଏକ ବିଶେଷ ଭୂମିକା ରହିବ ବୋଲି ସେ ସୂଚାଇ ଦେଇଛନ୍ତି ।





# ପଶ୍ଚିମବଙ୍ଗ, ଆସାମ ଓ ପୁଡୁଚେରୀ ବିଧାନସଭା ନିର୍ବାଚନରେ ଐତିହାସିକ ବିଜୟ ପରେ ସଦର ବିଜେପିର ବିଜୟ ଉତ୍ସବ ପାଳନ







ବାଲେଶ୍ୱର(ନି.ପ୍ର.)ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ସୁନାମୀରେ ଐତିହାସିକ ବିଜୟ ହାସଲ ପରେ ସମଗ୍ର ଦେଶରେ ଦଳୀୟ କର୍ମୀ ଉତ୍ସବ ପାଳନ ଆରମ୍ଭ କରିଛନ୍ତି । ଏହି କ୍ରମରେ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ବିଜେପି କର୍ମୀମାନେ ବିଜୟ ଉତ୍ସବ ପାଳନ କରିଛନ୍ତି । ସ୍ଥାନୀୟ ଜେଲ ରୋଡ ସ୍ଥିତ ଦଳୀୟ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ବିଜେପି କର୍ମୀ ଓ ସମର୍ଥକ ଏକଜୁଟ ହୋଇ ଦଳର ବିଜୟରେ ଶତମୁଖ ହେବା ସହିତ ବାଜା ବଜାଇ, ବାଣ ଫୁଟାଇ ଉତ୍ସବ ପାଳିଛନ୍ତି । ଏଥିରେ ସଦର ବିଧାୟକ ମାନସ କୁମାର ଦତ ଯୋଗଦେଇ ପଶ୍ଚିମବଙ୍ଗ, ଆସାମ ଓ ପୁଡୁଚେରୀର ନିର୍ବାଚନରେ ବିଜୟ ଭାରତୀୟ ଜନତା ପାର୍ଟିର ଦେବଦୁର୍ଲଭ କର୍ମୀଙ୍କ ପରାକାଷ୍ଠାର ବିଜୟ ବୋଲି ମତ ଦେଇଛନ୍ତି । ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ସଫଳ ନିର୍ବାଚନ ପରିଚାଳନା ଯୋଗୁଁ ଦୀର୍ଘ ୧୫ବର୍ଷ ଧରି ପଶ୍ଚିମବଙ୍ଗରେ ଚାଲିଥିବା ତୃଣମୂଳ କଂଗ୍ରେସର କଳା ଶାସନ ଶେଷ ହୋଇପାରିଛି । ମହିଳା ବିରୋଧି ମମତା ସରକାରଙ୍କ ବାଂଲାଦେଶୀ ଅନୁପ୍ରବେଶ ନୀତିରେ ଏକପ୍ରକାର ରୋକ ଲାଗିବା ସହ ଦେଶର ସୀମା ଆବଦ୍ଧ ହେବାରେ ପ୍ରତବନ୍ଧକ ଦୂର ହୋଇଛି ବୋଲି ବିଧାୟକ ଶ୍ରୀ ଦତ କହିଛନ୍ତି । କେନ୍ଦ୍ରୀୟ ନେତୃବର୍ଗଙ୍କ ନିର୍ଦ୍ଦେଶ କ୍ରମେ ପଶ୍ଚିମବଙ୍ଗର ବିଭିନ୍ନ ନିର୍ବାଚନମଣ୍ଡଳୀରେ ପ୍ରଚାରର ଦାୟିତ୍ୱ ନେଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବଳିଷ୍ଠ ନେତୃତ୍ୱ ସଫଳତାର ଶୀର୍ଷକୁ ଛୁଇଁ ପାରିଛି । ଦଳର ଅଗଣିତ ଦେବତୁଲ୍ୟ କାର୍ଯ୍ୟକର୍ତାଙ୍କ ନିଃସ୍ୱାର୍ଥ ସେବା ତଥା ଅଗଣିତ ସମର୍ଥକଙ୍କ ଭଲପାଇବା ଯୋଗୁଁ ଏହି ଐତିହାସିକ ବିଜୟ ସମ୍ଭବ ହୋଇପାରିଛି ବୋଲି ବିଧାୟକ ଶ୍ରୀ ଦତ ମତପ୍ରକାଶ କରିଛନ୍ତି । ଏଥିପାଇଁ ପଶ୍ଚିମବଙ୍ଗର ଜନସାଧାରଣଙ୍କୁ ସେ କୃତଜ୍ଞତା ସହ ଅଭିନନ୍ଦନ ଜଣାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ରବିନାରାୟଣ ମହାପାତ୍ର, ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, ସୀତାକାନ୍ତ ସ୍ୱାଇଁ, ଲୋକନାଥ ଭୂୟାଁ, ଉପେନ୍ଦ୍ର ଶତପଥୀ, ଅନନ୍ତ ନାୟକ, ନିତ୍ୟଗୋପଲ ସିଂହ, ସସ୍ମିତା ନାଥ, ରୋଜାଲିନ ପାଣି, କାହ୍ନୁ ମହାଳିକ, ପବନ କମିଲା, ମନୋରଂଜନ ନନ୍ଦି, ପିଂଟୁ ପାଣିଗ୍ରାହୀ, କାର୍ତିକ ରାଉତ, ରବି ପ୍ରଧାନ, ସସ୍ମିତା ଦାଶ, ରାଜେନ୍ଦ୍ର ଚାଟାର୍ଜୀ, ଉମେଶ ବେହେରା ପ୍ରମୁଖଙ୍କ ସହ ଶତାଧିକ କାର୍ଯ୍ୟକର୍ତା ଏହି ବିଜୟ ଉତ୍ସବରେ ସାମିଲ ହୋଇଥିଲେ ।

# ହାଜିଙ୍କ ହଜ୍ ଯାତ୍ରା ଆରମ୍ଭ

ବାଲେଶ୍ୱର, (ନି.ପ୍ର.)ଚଳିତ ବର୍ଷ ହଜ୍ ପାଇଁ ସାଉଦି ଆରବ ର ପବିତ୍ର ସ୍ଥଳ ମକ୍କା ଓ ମଦିନା ଗସ୍ତ ରେ ଆଜି ବାଲେଶ୍ୱର ଜିଲ୍ଲାର ହଜ୍ ଯାତ୍ରୀ ମାନେ ଗସ୍ତ କରିଛନ୍ତି । ଆଜି ମୋଟ ତିରିଶ ଜଣ ପୁରୁଷ ଓ ମହିଳା ମାନେ ପୂର୍ବାହ୍ନ ନ 'ଟା ରେ ଜନ ଶତାବ୍ଦୀ ଏକ୍ସପ୍ରେସ ଟ୍ରେନ ଯୋଗେ କୋଲକତା ଯାତ୍ରା କରିଛନ୍ତି । ରେଳ ଷ୍ଟେସନ ରେ ଏହି ତୀର୍ଥ ଯାତ୍ରୀ ମାନଙ୍କୁ ଭାବ ବିହ୍ୱଳ ପରିବେଶରେ ସେମାନଙ୍କ ପରିବାର ଲୋକେ ପୁଷ୍ପ ଗୁଚ୍ଛ ଦେଇ ବିଦାୟ ଜଣାଇଛନ୍ତି । ଆଗାମୀ ମଇ ପହିଲା ସକାଳେ କୋଲକତା ର ନେତାଜୀ ସୁବାଷ ଚନ୍ଦ୍ର ବୋଷ ଆନ୍ତର୍ଜାତିକ ବିମାନ ବନ୍ଦର ରୁ ତୀର୍ଥ ଯାତ୍ରୀ ମାନେ ସାଉଦି ଆରବ ର ବନ୍ଦର ନଗରୀ ଜେଡ୍ଡା ର ବିମାନ ବନ୍ଦର ରେ ଅବତରଣ କରିବେ । କିଛି ତୀର୍ଥ ଯାତ୍ରୀ ପ୍ରଥମ ପର୍ଯ୍ୟାୟ ରେ ମକ୍କା ଏବଂ କିଛି ଯାତ୍ରୀ ମଦିନା ଗସ୍ତ କରିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି ।ମକ୍କା ନଗରୀ ରେ ଯାତ୍ରୀ ମାନେ କାବା ମସଜିଦ ପରିଦର୍ଶନ କରିବେ । ମୋଟ ୪୮ଦିନ ଧରି ତୀର୍ଥ ଯାତ୍ରୀ ମାନେ ସାଉଦି ଆରବର ମକ୍କା ଏବଂ ମଦିନା ରେ ଅବସ୍ଥାନ କରିବେ । ମଇ ମାସ ସତେଇଶ ତାରିଖ ସାଉଦି ଆରବରେ ବକରିଦ ପର୍ବ ପାଳନ ଅବସରରେ ସାରା ବିଶ୍ୱରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଗତ କାଲି ଭଦ୍ରକ ଓ ମୟୁରଭଞ୍ଜ ରୁ କିଛି ତୀର୍ଥଯାତ୍ରୀ ବାଲେଶ୍ୱର ରେଳ ଷ୍ଟେସନ ଦେଇ କୋଲକତା ଗସ୍ତ କରିଛନ୍ତି । ଓଡିଶା ରୁ ଚଳିତ ବର୍ଷ ମୋଟ ୫୮୦ ଜଣ ମକ୍କା ଓ ମଦିନା ଗସ୍ତ କରୁଛନ୍ତି ।



# ଉଦ୍‌ଯାପିତ ହେଲା ଗୋପାଳଗାଁ ଅଷ୍ଟପ୍ରହରୀ ନାମଯଜ୍ଞ

ବାଲେଶ୍ୱର, (ନି.ପ୍ର.) ଗୋପାଳଗାଁର ବୁଦ୍ଧବିହାର କଲୋନୀରେ ଅଷ୍ଟ ପ୍ରହରୀ ନାମଯଜ୍ଞ ଏପ୍ରିଲ ମାସ ୧୯ ତାରିଖ ମଧ୍ୟ ରାତ୍ରିରୁ ଆରମ୍ଭ ହୋଇ ଗତ ୨୧ ତାରିଖରେ ଉଦଯାପିତ ହୋଇ ଯାଇଛି । ଅକ୍ଷୟ ତୃତୀୟା ଦିନପ୍ରାୟ ଦୁଇହଜାରରୁ ଅଧିକ ଭକ୍ତ ପ୍ରସାଦ ସେବନ କରିଥିଲେ । ୨୧ ତାରିଖ ଦିନ ୧୦ ଘଟିକାରେ ନାମଯଜ୍ଞ ସମାପ୍ତ ପରେ ଘଟ ବିସର୍ଜନ କରାଯାଇଥିଲା । ଏଇଦିନ ସନ୍ଧ୍ୟା ୭ଟାରେ ଏକ ସାଂସ୍କୃତିକ କାର୍ଯ୍ୟ ଆରମ୍ଭ କରାଯାଇ ଜୁନିଅର୍ ଗ୍ରୁପ୍ ରେ ପ୍ରଥମ ଶ୍ରେଣୀରୁ ଷଷ୍ଠ ଶ୍ରେଣୀ ଯାଏ ଓ ସିନିୟର ଗ୍ରୁପରେ ସପ୍ତମ ଶ୍ରେଣୀରୁ ଦ୍ୱାଦଶ ପର୍ଯ୍ୟନ୍ତ ପିଲାଙ୍କ ମଧ୍ୟରେ ଗୀତ ଓ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇ ବିଜେତାଙ୍କୁ ପୁରସ୍କୃତ କରା ଯାଇଥିଲା । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା ।ସଭା ପ୍ରାରମ୍ଭରେ ଅଷ୍ଟ ପ୍ରହରୀ ନାମଯଜ୍ଞ କମିଟିର ସଭାପତି ଦେବେନ୍ଦ୍ର କୁମାର ରାଉଳ, ସମ୍ପାଦକ ଭାସ୍କର ଚନ୍ଦ୍ର ବାରିକ, ବିଶିଷ୍ଟ ଅତିଥି ଭାବେ ସମାଜସେବୀ ତଥା କମିଟିର ସଭ୍ୟ ସର୍ବେଶ୍ୱର ମହାନ୍ତି, ସମାଜସେବୀ ଆଡ଼ଭୋକେଟ ଶାନ୍ତନୁ କୁମାର ଦାସ ଅଷ୍ଟପ୍ରହରୀର ଆଧାତ୍ମିକ ଦିଗ ଉପରେ ବିଶଦ



ଆଲୋକପାତ କରି କଲୋନୀରେ ନାମଯଜ୍ଞ କରିବାର ଶୁଭ ଉଦ୍ଦେଶ୍ୟ ସମ୍ପର୍କରେ ବଖାଣିଥିଲେ । ଶେଷରେ ପ୍ରଦୀପ କୁମାର ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ ।ସଭା ପରେ ବିଶିଷ୍ଟ କଣ୍ଠଶିଳ୍ପୀ ସୁଶ୍ରୀ ଶ୍ୱେତାଲିସା ଶୁଭଦର୍ଶିନୀଙ୍କୁ 'ବୁଦ୍ଧବିହାର ଶ୍ରେଷ୍ଠ କଣ୍ଠଶିଳ୍ପୀ' ଭାବେ ସମ୍ବର୍ଦ୍ଧିତ କରାଯାଇ ମାନପତ୍ର ପ୍ରଦାନ କରାଯାଇଥିଲା । ପ୍ରତିଯୋଗିତାର ବିଚାରକ ଭାବେ ଡ. ଦିଲ୍ଲୀପ କୁମାର ଦାସ, ସୁସାହିତ୍ୟିକା ଦେବଯାନୀ ଦାସ, କଣ୍ଠଶିଳ୍ପୀ ଶ୍ୱେତାଲିସା ଶୁଭଦର୍ଶିନୀ ଯୋଗ ଦେଇଥିଲେ । ସମଗ୍ର ମଂଚକୁ ପରିଚାଳନା କରିଥିଲେ ଶିଶୁ ସାହିତ୍ୟିକ, ଗୀତିକାର, ନାଟ୍ୟକାର ପୀତାମ୍ବର ଦାସ । ବୁଦ୍ଧ ବିହାରର ବହୁ ମହିଳାଙ୍କ ସମେତ ଅନ୍ୟ ଗଣ୍ୟମାନ୍ୟ ଜନସାଧାରଣ ଏଥିରେ ସହଯୋଗ କରିଥିଲେ ।

# ଓଡ଼ିଆ ଭାଷାବିକାଶ ଆନ୍ଦୋଳନ ପକ୍ଷରୁ ଉନ୍ମୋଚିତ ହେଲା ଡକ୍ଟର ନଗେନ୍ଦ୍ରନାଥ ମହାପାତ୍ରଙ୍କ ପୁସ୍ତକ 'ଲୋଧା ସମାଜ ଓ ସାହିତ୍ୟ'

ବାଲେଶ୍ୱର(ନି.ପ୍ର.) ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ଜଳେଶ୍ୱରସ୍ଥିତ ବାଣିଦା ଗ୍ରାମରେ ବିଶିଷ୍ଟ ଗବେଷକ ଡକ୍ଟର ନଗେନ୍ଦ୍ରନାଥ ମହାପାତ୍ରଙ୍କ ସଦ୍ୟ ପ୍ରକାଶିତ ଗବେଷଣାତ୍ମକ ଗ୍ରନ୍ଥ 'ଲୋଧା ସମାଜ ଓ ସାହିତ୍ୟ' ଗବେଷକଙ୍କ ବଡ଼ଭାଇ ଭୂପତି ଚରଣ ମହାପାତ୍ରଙ୍କ ଦ୍ୱାରା ପାଠକାର୍ପିତ ହୋଇଯାଇଛି ।ଅନୁଷ୍ଠାନର ଉପସଭାପତି ଗାଙ୍ଗିକ ନିବାରଣ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଅନୁଷ୍ଠାନର ସଂଗଠନ ସଂପାଦକ ତପନ ରାୟ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ । ସାଧାରଣ ସଂପାଦକ ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ ଗବେଷକ ଡକ୍ଟର ମହାପାତ୍ରଙ୍କ ଉଚ୍ଚକୋଟୀର ଗବେଷଣା ଓ ପ୍ରକାଶିତ ଉପାଦେୟ ପୁସ୍ତକଗୁଡ଼ିକ ସଂପର୍କରେ ଆଲୋଚନା କରିବା ସହ ଲୋଧା ସଂପ୍ରଦାୟ ସମ୍ବନ୍ଧରେ



ତାଙ୍କର ଗବେଷଣା ପୁସ୍ତକ ଓଡ଼ିଆ ବାଣୀଭଣ୍ଡାର ପାଇଁ ଏକ ଅମୂଲ୍ୟ ସମ୍ପତି ବୋଲି ମତପୋଷଣ କରିଥିଲେ । ବକ୍ତା ଭାବରେ ଯୋଗ ଦେଇ ଯୁବ ଗବେଷକ ଡକ୍ଟର ସାରଙ୍ଗଧର ତ୍ରିପାଠୀ, କବୀ କଲ୍ୟାଣୀ ନନ୍ଦ ଓ ଦୀପକ ବୋଷ ପୁସ୍ତକ ସଂପର୍କରେ ଆଲୋଚନା ପ୍ରସଙ୍ଗରେ କହିଲେ ଯେ ଡକ୍ଟର ମହାପାତ୍ର ବହୁ ଶ୍ରମ ଓ ସାହସର ସହିତ 'ଅପରାଧପ୍ରବଣ' ବୋଲି ଆଖ୍ୟା ଦିଆ ଯାଉଥିବା ଲୋଧା ସଂପ୍ରଦାୟଙ୍କ ସହିତ ସାକ୍ଷାତ୍ କରି, ସେମାନଙ୍କ ସହିତ ଅନେକ ସମୟ ବିତାଇ ସେମାନଙ୍କର ସାମାଜିକ, ଶୈକ୍ଷିକ, ଆର୍ଥନୀତିକ ଓ ଆଧାତ୍ମିକ ଦିଗ ଉପରେ ଗବେଷଣା କରି ଯେଉଁ ଅମୂଲ୍ୟ ଗ୍ରନ୍ଥଟିଏ ପ୍ରକାଶ କରି ପାରିଛନ୍ତି, ସେଥିପାଇଁ ସେ ପ୍ରଶଂସାର ପାତ୍ର । ଲେଖକ ଡକ୍ଟର ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଲେ ଯେ ଲୋଧାମାନଙ୍କ ସଂପର୍କରେ ସେ ଗବେଷଣା କରିବାକୁ ମନସ୍ଥ କରିବା ସମୟରେ ତାଙ୍କର ଶୁଭାକାଂକ୍ଷୀମାନେ ତାଙ୍କୁ ଏଥିରୁ କ୍ଷାନ୍ତ ହେବାକୁ ପରାମର୍ଶ ଦେଇଥିଲେ । ଲୋଧାମାନେ ଅପରାଧପ୍ରବଣ ହୋଇଥିବାରୁ ତାଙ୍କ ଜୀବନ ପ୍ରତି ବିପଦ ଥିବା କଥା ସେମାନେ ଦର୍ଶାଇଥିଲେ । ମାତ୍ର ସେ ସମସ୍ତଙ୍କ କଥାକୁ ଭ୍ରୁକ୍ଷେପ ନ କରି ମନରେ ସାହସ ସଂଚୟ କରି ଏ ଗବେଷଣାରେ ଆଗେଇଥିଲେ ଓ ସଫଳ ମଧ୍ୟ ହୋଇଥିଲେ । ସଭା ପ୍ରାରମ୍ଭରେ ପ୍ରିୟଙ୍କା ଦାସ ଓ କଲ୍ୟାଣୀ ନନ୍ଦ ସଙ୍ଗୀତ ପରିବେଷଣ କରିଥିଲେ । ଗୁରୁ ଶିବଶଙ୍କର ଦାସ ଓ ପୁନମ ଦାସ ଯନ୍ତ୍ରାଂଶରେ ସହଯୋଗ କରିଥିଲେ । ଶିଶୁ ନୃତ୍ୟାଙ୍ଗନା ଦିବ୍ୟାଂଶି ଦାସ ସୁନ୍ଦର ଓଡ଼ିଶୀ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲେ । ଗବେଷକଙ୍କ ପତ୍ନୀ ସବିତା ମହାପାତ୍ର ମଂଚରେ ଉପସ୍ଥିତ ଥିଲେ । ଯୁଗ୍ମ ସଂପାଦକ କୁମରନାଥ ପାତ୍ର ଅତିଥିମାନଙ୍କୁ ମଂଚ ଆବାହନ କରିଥିବାବେଳେ ଅନ୍ୟତମ ଯୁଗ୍ମ ସଂପାଦକ ଶାନ୍ତିଲତା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଗବେଷକ ଡ. ମହାପାତ୍ର ତିରିଶ ଖଣ୍ଡରୁ ଊର୍ଦ୍ଧ୍ୱ ପୋଥି ସଂପାଦକ ଡ. ତ୍ରିପାଠୀଙ୍କୁ ହସ୍ତାନ୍ତର କରିଥିଲେ ଯାହା ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରାଯିବ । ଏଠାରେ ପ୍ରକାଶ ଥାଉ କି ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବେ ପୁରାତନ ପୋଥି ସଂଗ୍ରହ ଓ ସଂରକ୍ଷଣର କାର୍ଯ୍ୟକ୍ରମ ହାତକୁ ନେଇଛି ଓ ବିଶ୍ୱବିଦ୍ୟାଳୟକୁ ଏ କାର୍ଯ୍ୟରେ ସହଯୋଗ କରିବାକୁ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ନିକଟରେ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି । ଶେଷରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା ଓ ପିନାକୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# କଲଚୁରାଲ କାନଭାସ ଏକାଡେମୀ ରେମୁଣାର ବାର୍ଷିକ ଉତ୍ସବ ପାଳିତ

ବାଲେଶ୍ୱର(ନି.ପ୍ର.)ଦୁଇ ଦିନ ଧରି କଲଚୁରାଲ୍ କାନଭାସ ଏକାଡେମୀ ରେମୁଣାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ୨୮ ତାରିଖ ଦିନ ସକାଳ ୯ ଟାରୁ ସନ୍ଧ୍ୟା ୬.୩୦ ଯାଏ ବିଭିନ୍ନ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ କୁଇଜୀ , ନାଚ,ଗୀତ ଇତ୍ୟାଦି ପ୍ରତିଯୋଗିତା ଆୟୋଜନ କରାଯାଇ ବିଚାରକ ମଣ୍ଡଳୀ ଦ୍ୱାରା ବିଜେତା ଚୟନ କରାଯାଇଥିଲା ।ସନ୍ଧ୍ୟା ୭ଟାରେ ଅନୁଷ୍ଠାନର ସଭାପତି ଡ.ବିଜୟ ମହାକୁଡ଼ଙ୍କ ପୌରୋହିତ୍ୟରେ ଏକ ସଭା ଆୟୋଜନ କରାଯାଇ ଥିଲା ।ସଭାକୁ ଉଦ୍ଘାଟନ କରିଥିଲେ ରେମୁଣା ବ୍ଲକ ଅଧ୍ୟକ୍ଷ ଶ୍ରୀ ରାଜେନ୍ଦ୍ର କୁମାର ରାଉତ । ଉଦ୍ ଘାଟକ ସହ ଅନୁଷ୍ଠାନ ର ସଭାପତି ନାଟ୍ୟକାର,ଗବେଷକ ବିଜୟ ମହାକୁଡ଼,ଉପଦେଷ୍ଟା ସାହିତ୍ୟିକ ,ଗୀତିକାର, ନାଟ୍ୟକାର ପୀତାମ୍ବର ଦାସ ,ଅନୁଷ୍ଠାନ ର ଅଧ୍ୟକ୍ଷା ଜ୍ୟୋତି ମୟୀ ରଣା, ଉପସଭାନେତ୍ରୀ ଶୁଭଶ୍ରୀ ଦାସ,ସମ୍ପାଦକ ଶ୍ରୀପ୍ରକାଶ ଦାସ ଅଧିକାରୀ ଅନୁଷ୍ଠାନ କିପରି ବହୁ ପ୍ରତିଭା ଧାରୀ ଙ୍କୁ ବିଭିନ୍ନ କଳା ପ୍ରଦର୍ଶନ ମାଧ୍ୟମ ରେ ଲୋକଲୋଚନ କୁ ଆଣିବାର




ପ୍ରୟାସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ୍ କରିଥିଲେ । ଶେଷରେ ।ପୀତାମ୍ବର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ । ଦ୍ୱିତୀୟ ଦିନ ଅର୍ଥାତ୍ ୨୯ ତାରିଖରେ ଅନୁଷ୍ଠାନ ରଉପଦେଷ୍ଟା ପୀତାମ୍ବର ଦାସଙ୍କ ତତ୍ତ୍ୱାବଧାନରେ ଏକ କବିତା ପାଠ ଉତ୍ସବ ପାଳନ କରାଯାଇଥିଲା ।ଡ.ରାଧା ରଞ୍ଜନ ପଟ୍ଟନାୟକ ଙ୍କ ପୌରୋହିତ୍ୟରେ ମୁଖ୍ୟ ଅଥିତି ଡ.ଭାଗବତ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।ଡ.ଜ୍ୟୋସ୍ନା ରାୟ,ପଦ୍ମଲୋଚନ ପ୍ରଧାନ,ମଧୁସୂଦନ ମିଶ୍ର ଙ୍କ ସଂଯୋଜନାରେ ଚାଳିଶ ରୁ ଊର୍ଦ୍ଧ୍ୱ କବି ଓ କବୟତ୍ରୀ କବିତା ପାଠ କରିଥିଲେ ।ସନ୍ଧ୍ୟାରେ ସଭାପତି ଶ୍ରୀ ବିଜୟ ମହାକୁଡ଼ ଙ୍କ ସଭାପତିତ୍ୱରେ ସଭା ଆରମ୍ଭ କରାଯାଇ ସମ୍ପାଦକ ଶ୍ରୀ ପ୍ରକାଶ ଦାସ ଅଧିକାରୀ ଙ୍କ ସମ୍ପାଦକୀୟ ଙ୍କ ବିବରଣୀ ପାଠ କରିବାପରେ ପରେ ,ନିଜେ ନିଜେ ସଭାପତି ଶ୍ରୀ ମହାକୁଡ଼,ଉପଦେଷ୍ଟା ପୀତାମ୍ବର ଦାସ,ଉପ ସଭାପତି ଶୁଭଶ୍ରୀ ଦାସ,ସମ୍ମାନୀତ ଅତିଥି ଶିଳ୍ପୀ କେଶୁ ଦାସ,ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅମୃତାଂଶୁ ପଟ୍ଟନାୟକ,ମୁଖ୍ୟ ଅତିଥି ବିଶିଷ୍ଟ ସାହିତ୍ୟିକା ପ୍ରଫେସର ସରୋଜିନୀ ସାହୁ, କଳା ,ସଂସ୍କୃତି କ୍ଷେତ୍ରର ଅଗ୍ରଗତି ପାଇଁ ଏହି କଲ୍ଚରାଲ କାନଭାସ ଏକାଡେମୀ କିପରି ବିଶିଷ୍ଟ ଭୂମିକା ଗ୍ରହଣ କରିଛି ।ବହୁ ପ୍ରତିଭା ଧାରୀ ଙ୍କୁ ସୁଯୋଗ ଦେଇ ତାଙ୍କର ଲୁକାୟିତ ପ୍ରତିଭାକୁ ବିକଶିତ କରିବା ପାଇଁ ସର୍ବଦା ଚେଷ୍ଟିତ ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ । ସଭା ପରେ ପରେ ପୂର୍ବ ଦିନ ଅନୁଷ୍ଠିତ ବିଜେତା ମାନଙ୍କୁ ମମରକ୍ସ୍ୱପସଲସମବସ୍ପର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ସଭା ରେ ପୀତାମ୍ବର ଦାସ ନିଜ ବକ୍ତବ୍ୟ ପ୍ରଦାନ କରି ଧନ୍ୟବାଦ୍ ଦେଇଥିଲେ । ସେଲିବ୍ରିଟୀ ସୁଶ୍ରୀ ସ୍ୱିଟି ପଟ୍ଟନାୟକ ଙ୍କ ଦ୍ୱାରା ବିଭିନ୍ନ ମନମତାଣିଆ କାର୍ଯ୍ୟକ୍ରମ କରାଯାଇଥିଲା ।ଶେଷରେ ଅନୁଷ୍ଠାନ ତରଫରୁ ଶିକ୍ଷକ ଓ ଛାତ୍ର ,ଛାତ୍ରୀ ଙ୍କ ଦ୍ୱାରା ନାଚ,ଗୀତ ଇତ୍ୟାଦି ପରିବେଷଣ କରାଯାଇଥିଲା ।ଦର୍ଶକ ମାନେ କାର୍ଯ୍ୟକ୍ରମକୁ ବେଶ୍ ମନଭରି ଉପଭୋଗ କରିଥିଲେ ।

# ଡ଼ ସନ୍ତୋଷ କୁମାର ରାଉତଙ୍କୁ ବାଣୀରତ୍ନ ସମ୍ମାନ - ୨୦୨୬ ପ୍ରଦାନ

ବାଲେଶ୍ୱର(ନି.ପ୍ର.)ଦିନ ଭୁବନେଶ୍ୱର ପଟିଆ ସ୍ଥିତ ବାଣୀ ବୀଥିକା ପରିବାରର ଦ୍ୱିତୀୟ ବାର୍ଷିକ ରାଜ୍ୟସ୍ତରୀୟ ସାରସ୍ୱତ ଉତ୍ସବ ଏବଂ ପୁସ୍ତକ ଉନ୍ମୋଚନ ସ୍ଥାନୀୟ ୟୁନିଟ୍-୪ ହୋଟେଲ ସୁତୃପ୍ତି ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନର ସହକାରୀ ପ୍ରାଧ୍ୟାପକ ଡ଼ ସନ୍ତୋଷ କୁମାର ରାଉତଙ୍କୁ ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ସୁଦୂରପ୍ରସାରୀ ଅବଦାନ ପାଇଁ ଚଳିତ ବର୍ଷ ପାଇଁ ତାଙ୍କୁ ବାଣୀରତ୍ନ ସମ୍ମାନ - ୨୦୨୬ ପ୍ରଦାନ କରାଯାଇଅଛି । ଏହି ଉତ୍ସବରେ ସଂଗଠନର ସଭାପତି ଚନ୍ଦ୍ରକାନ୍ତି ସିଂହ, ସମ୍ପାଦକ,ବୀରେନ୍ଦ୍ର କୁମାର ସାହୁ, ମୁଖ୍ୟ ଅତିଥି ପ୍ରତିଭା ମହାରଥୀ,ମୁଖ୍ୟ ବକ୍ତା ଭାବେ ମିନକେତନ ଦାଶ, ସମ୍ମାନିତ ଅତିଥି,ଡ. ବୈରାଗୀ ଚରଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ସେଥିପାଇଁ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ




ଫିରୋଜ କୁମାର ପାଢ଼ୀ, ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ତଥା ବାଣିଜ୍ୟ ବିଭାଗର ସହକାରୀ ପ୍ରାଧ୍ୟାପକ ଡକ୍ଟର ସୋନାଲିସା ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ର ଛାତ୍ରୀମାନେ ଡକ୍ଟର ରାଉତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଉପଜିଲ୍ଲାପାଳଙ୍କ ଅର୍ଡ଼ର କାର୍ଯ୍ୟକାରୀ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଜୟନ୍ତୀ ମହାନ୍ତି

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ଉପଜିଲ୍ଲାପାଳଙ୍କ ତା ୧୯.୨.୨୬ ତାରିଖ ଅର୍ଡ଼ରକୁ କାର୍ଯ୍ୟକାରୀ କରିବା ପାଇଁ ଅଭିଯୋଗକାରୀ ତଥା ହୋମଗାର୍ଡ଼ ରଣସାହି ଅଂଚଳର ଜୟନ୍ତୀ ମହାନ୍ତି ଗତ ୪ ତାରିଖ ଦିନ ଜିଲ୍ଲାପାଳଙ୍କ ଜନଶୁଣାଣି ଦପ୍ତରରେ ହାଜର ହୋଇ ଉପଜିଲ୍ଲାପାଳ ଶିବ ମାଲବ୍ୟ ଦେଇଥିବା ଅର୍ଡ଼ର କାର୍ଯ୍ୟକାରୀ ନିମନ୍ତେ ଦାବି କରିଛନ୍ତି । ଖବରରୁ ପ୍ରକାଶଯେ, ଚାନ୍ଦିପୁର ଥାନା ଅନ୍ତର୍ଗତ ରଣସାହି ଗ୍ରାମର ଜୟନ୍ତୀ ମହାନ୍ତିଙ୍କ ବାସଭବନ ସମ୍ମୁଖରେ ହୃଶିକେଶ ମହାନ୍ତି, ତନୟ ମହାନ୍ତି, ମନୋଜ ମହାନ୍ତି ପ୍ରମୁଖ ସେହି ଅଂଚଳର ବ୍ୟକ୍ତିମାନେ ତାଙ୍କ ଅନୁପସ୍ଥିତିରେ ଯୁଦ୍ଧକାଳୀନ ଭିତିରେ ଏକ ପାଇଖାନା ଟାଂକି ନିର୍ମାଣ କରିଦେବା ଏବଂ ଏହି ପାଇଖାନା ଟାଂକିକୁ ଉଠାଇବା ପାଇଁ ଜୟନ୍ତୀ ମହାନ୍ତି ଆରକ୍ଷୀ ଅଧିକ୍ଷକ, ଥାନାଧିକାରୀ, ଉପଜିଲ୍ଲାପାଳଙ୍କ ଅଦାଲତ ଓ ଜିଲ୍ଲାପାଳଙ୍କ ଜନଶୁଣାଣି ଦପ୍ତର ସମ୍ମୁଖରେ ବିଭିନ୍ନ ପ୍ରଶାସନିକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି । ହେଲେ ତାଙ୍କୁ ଏଯାଏଁ ନ୍ୟାୟ ମିଳିନାହିଁ । ଆଗକୁ ବର୍ଷାଦିନ ଥିବା ଯୋଗୁଁ ଉକ୍ତ ପାଇଖାନା ଟାଂକିରୁ ଏବେଠାରୁ ପୋକ ବାହାରକୁ ବାହାରିବା ଇତ୍ୟାଦି ଘଟଣା ଏ ଅଂଚଳରେ ଚାଂଚଲ୍ୟ କେଳିଯାଇଛି ।

# ନୂତନ ଶିକ୍ଷାବର୍ଷ ପାଇଁ ଶିକ୍ଷା ସୁରକ୍ଷା ମଂଚ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ବାଲେଶ୍ୱର(ନି.ପ୍ର.) ୨୦୨୬-୨୭ ଶିକ୍ଷାବର୍ଷରେ ସରକାରୀ ମାର୍ଗଦର୍ଶିକା ପ୍ରକାଶ ପାଇବା ପରେ ବାଲେଶ୍ୱରରେ ଶିକ୍ଷାର ସୁଧାର ପାଇଁ ଗଠିତ ହୋଇଥିବା ଶିକ୍ଷା ସୁରକ୍ଷା ମଂଚ ପକ୍ଷରୁ ତାକୁ ସରକାରୀ ମାର୍ଗଦର୍ଶିକା ସଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ରଘୁନାଥ ଲେଙ୍କାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଜିଲ୍ଲାପାଳଙ୍କ ଜନଶୁଣାଣି ଦପ୍ତରରେ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି କି, ଜିଲ୍ଲା ଶିକ୍ଷାଧିକାରୀ ନିୟମିତ ହଠାତ୍ ବିଦ୍ୟାଳୟ ପରିଦର୍ଶନ କରିବା, କିପରି ଭାବେ ଶିକ୍ଷା ପଦ୍ଧତି ଚାଲିଛି ତାକୁ ଅନୁଧ୍ୟାନ କରିବା, ଶୃଙ୍ଖଳା ଦାୟିତ୍ୱବୋଧ, ପାଠପଢ଼ାର ତଦାରଖ, ଶିକ୍ଷକମାନଙ୍କ ସହ ନିୟମିତ ଆଲୋଚନା କରିବା ସମ୍ପର୍କରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବା ଏକାନ୍ତ ଆବଶ୍ୟକ ବୋଲି ପ୍ରତିନିଧି ଦଳ ମଧ୍ୟରେ ଦେବାଶିଷ ସିଂ, ଗୌରାଙ୍ଗ ପାଣିଗ୍ରାହୀ, ସନ୍ତୋଷ ସାହୁ, ମିନତୀ ସେଠୀ, ଆଶ୍ରିତା ତରେଇ ପ୍ରମୁଖ ଉପସ୍ଥିତ ଥିଲେ ।













## ଭଦ୍ରକ ବୈଶାଖୀ ମେଳାର ସପ୍ତମ ସନ୍ଧ୍ୟା

# ଭଦ୍ରକୀୟ ନାରୀ ପ୍ରଜ୍ଞା ଓ ସୃଜନ ଶକ୍ତିର ଶୁଭ୍ର ଜ୍ୟୋସ୍ନା ସଦୃଶ

ଭଦ୍ରକ : ନାରୀ ହେଉଛି ସେହି ସୃଜନଶୀଳତାର ଆଧାରଶିଳା । ଯେଉଁଠି ଶବ୍ଦ ହାର ମାନେ, ସେଠି ନାରୀର ଅନ୍ତର୍ନିହିତ ଭାବନା କବିତା ଓ ଗଦ୍ୟ ମାଧ୍ୟମରେ ସମାଜକୁ ନୂତନ ଦିଗଦର୍ଶନ ଦେଇଥାଏ । ଉତ୍ସର୍ଗୀକୃତ ଭାବନା ଓ ସାରସ୍ୱତ ସାଧନାର ପବିତ୍ର ଭୂମି ଭଦ୍ରକରେ ନାରୀମାନେ କେବଳ ଘରର ଚାରିକାନ୍ଥ ମଧ୍ୟରେ ସୀମିତ ନରହି ନିଜର ଲେଖନୀ ଚାଳନା ଦ୍ୱାରା ଓଡ଼ିଆ ଭାଷା ଓ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । ନାରୀକବି ବିଦ୍ୟୁତପ୍ରଭା ଦେବୀଙ୍କଠାରୁ ଆଜିର ପରିପ୍ରେକ୍ଷୀରେ ଆମ ସାରସ୍ୱତ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା କ୍ଷେତ୍ରରେ ଭଦ୍ରକର ନାରୀ ଲେଖିକାମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ନେହେରୁ ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ 'ଭଦ୍ରକ ବୈଶାଖୀ ମେଳା-୨୦୨୬'ର ସପ୍ତମ ସନ୍ଧ୍ୟା ଅତିଥି ମତବ୍ୟକ୍ତ କରିଛନ୍ତି । ପ୍ରଥମେ ମେଳା କମିଟି ସଭାପତି ଅଜୟ ନାୟକଙ୍କ ପକ୍ଷରୁ ସଦ୍ୟ ପରଲୋକଗତ ଏ ମାଟିର ଯଶସ୍ୱୀ କବି ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ପ୍ରଭାତନଳିନୀ ମହାପାତ୍ର ଓ ବିଶିଷ୍ଟ ଶିକ୍ଷାବିତ୍ ଅବସରପ୍ରାପ୍ତ ପ୍ରାଧ୍ୟାପକ ମାନସ ରଂଜନ ଲେଙ୍କାଙ୍କ ବିୟୋଗରେ ଶୋକପ୍ରସ୍ତାବ ଅଣାଯାଇ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଅଧ୍ୟାପକ ଡ. ବିଶ୍ୱରଂଜନ ଦାସ ଦିବଂଗତ ଦୁଇ ପ୍ରତିଭାଙ୍କ ଜୀବନୀ ଓ ଅବଦାନ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । କବି ଗୀତାରାଣୀ ଆଇଚଙ୍କ ପୌରୋହିତ୍ୟରେ 'ଓଡ଼ିଆ ଭାଷା ଓ ସାହିତ୍ୟରେ ଭଦ୍ରକର ନାରୀ' ଶୀର୍ଷକ ସାରସ୍ୱତ ଚର୍ଚ୍ଚାରେ ମୁଖ୍ୟ ଅତିଥି ଭାବେ ଇଂରାଜୀ ଭାଷା ସାହିତ୍ୟର ଅଧ୍ୟାପିକା ଡ. ସୁକାନ୍ତି ମହାପାତ୍ର ଯୋଗଦେଇ ଓଡ଼ିଆ ସାହିତ୍ୟ ଆକାଶରେ ଭଦ୍ରକର ନାରୀମାନେ ସୃଜନଶୀଳତା ଓ ବୌଦ୍ଧିକତା ଦ୍ୱାରା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ସମାଜବିଜ୍ଞାନ ଅଧ୍ୟାପିକା କବି ଡ. ମମତା ସାହୁ ଯୋଗଦେଇ ଓଡ଼ିଆ ସାହିତ୍ୟର ବିଭିନ୍ନ ଯୁଗରେ ଭଦ୍ରକର ନାରୀମାନେ ନିଜର ଶାଣିତ ଲେଖନୀ ମାଧ୍ୟମରେ ସ୍ୱର ଉତୋଳନ କରିଛନ୍ତି, ଯାହା ଆମ ସାହିତ୍ୟ ଓ ସଂସ୍କୃତିକୁ ସମୃଦ୍ଧ କରିଛି ବୋଲି କହିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ଓ କବୟିତ୍ରୀ ମନୋରମା ଆଚାର୍ଯ୍ୟ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ନାରୀ ପ୍ରଗତି ଓ ସାହିତ୍ୟିକ ଧାରା ଉପରେ ସ୍ୱକୀୟ ମତାମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦେବେନ୍ଦ୍ରନାଥ ମହାଳିକ, ବିଜୟ କୁମାର ସାହୁ, ପଦ୍ମନ ରାୟ, ରବିନାରାୟଣ ପଣ୍ଡା, ଡା ଅନୀଲ ଦାସ, ସନାତନ ସାହୁ, ମଦନ ମୋହନ ନାୟକ, ରାଜେନ୍ଦ୍ର ବିଶ୍ୱାଳ, ଶାନ୍ତିଲତା ବାରିକ, ଅଧ୍ୟାପକ ଉମାକାନ୍ତ ମହାଳିକ, ନାରାୟଣ ପାଢ଼ୀ, ଗୌରାଙ୍ଗ ବାରିକ୍, ବାବୁଲାଲ୍ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । କବି ମମତାରାଣୀ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କବୟିତ୍ରୀ ଚୈତାଳୀ ଖିଲାର ମଂଚ ଆମନ୍ତ୍ରଣ କରିଥିଲେ । ମେଳା କମିଟି ସଦସ୍ୟା ବସୁମିତ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସରକାରଙ୍କ ସଂସ୍କୃତି ବିଭାଗ ପ୍ରେରିତ ଭୁବନେଶ୍ୱର ଶିଞ୍ଜିକା ନୃତ୍ୟ ଏକାଡେମୀ ଓ 'ବନ୍ଦେ ମାତରମ୍ କଲଚୁରାଲ୍ ଆସୋସିଏସନ୍' ପକ୍ଷରୁ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ସନ୍ଧ୍ୟାକୁ ଅଧିକ ରଙ୍ଗାରଙ୍ଗ କରାଯାଇଥିଲା ।

## ଝାରସୁଗୁଡ଼ାରେ ଖେଲୋ ଇଣ୍ଡିଆ ହକି କେନ୍ଦ୍ର ପାଇଁ ଅନୁମତି



ଝାରସୁଗୁଡ଼ା : ଦିଲ୍ଲୀ ଜବାହାରଲାଲ ନେହୁରୁ ଷ୍ଟାଡିୟମ ପରିସରରେ ଥିବା ଖେଲୋ ଇଣ୍ଡିଆ ସ୍ପୋର୍ଟସ ର ତଥା କ୍ରୀଡା ମନ୍ତ୍ରଣାଳୟର ଯୁଗ୍ମ ସଚିବ ଶ୍ରୀ ଆର.ଭିନୀଲ କ୍ରୀଷ୍ଣା (ଆଇ.ଏ.ଏସ୍.)କୁ ତାଙ୍କ ଅଫିସ ଗୃହରେ ହକି ଓଡିଶାର ଉପସଭାପତି ଜୀବନ ମହାନ୍ତି ସାକ୍ଷାତ କରି ଝାରସୁଗୁଡ଼ାରେ ଖେଲୋ ଇଣ୍ଡିଆ ହକି କେନ୍ଦ୍ର ପାଇଁ ଅନୁମତି ପ୍ରଦାନ କରି ଥିବାରୁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଓ ହକି ଆସୋସିଏସନ ତରଫରୁ କୃତଜ୍ଞତା ଜ୍ଞାପନ କରି ଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ଗତ ୨୮-୦୮ -୨୫ ରେ ହକି ଓଡିଶାର ଉପସଭାପତି ଜୀବନ ମହାନ୍ତି ଶ୍ରୀ ଭିନୀଲ କ୍ରୀଷ୍ଣାଙ୍କୁ ଦିଲ୍ଲିରେ ସାକ୍ଷାତ କରି ଝାରସୁଗୁଡାରେ ଖେଲୋ ଇଣ୍ଡିଆ ହକି କେନ୍ଦ୍ର ପାଇଁ ଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ଅନୁରୋଧ ପତ୍ର ପ୍ରଦାନ କରି ଥିଲେ । ଗତ ୪ ବର୍ଷ ମଧ୍ୟରେ ୧୨୦୦ ହକି ଖେଳାଳି ନାମ ପଞ୍ଜିକୃତ କରିଥିବା ଓ ଜିଲ୍ଲାର ବିଭିନ୍ନ ବୟସ ବର୍ଗର ୪୨୦ ଜଣ ବାଳକ, ବାଳିକା ୪ବର୍ଷ ମଧ୍ୟରେ ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରିବା , ୩୮ଟି ସ୍କୁଲର ହକି ଖେଳାଳିଙ୍କୁ ହକି ଆସୋସିଏସନ ତରଫରୁ ଆଲଫା କମ୍ପାନୀ ର ସମସ୍ତ ହକି ସରଞ୍ଜାମ ପ୍ରଦାନ କରିଥିବା ଓ ଜିଲ୍ଲାର ୬ ଜଣ ବାଳକ , ବାଳିକା ସ୍କୁଲ ଦଳରୁ ଓଡିଶା ପାଇଁ ପ୍ରତିନିଧିତ୍ୱ କରି ଥିବା ଅବଗତ ହେବା ପରେ ଜିଲ୍ଲା ପ୍ରଶାସନ ଓ ହକି ଆସୋସିଏସନକୁ ଧନ୍ୟବାଦ ଦେଇଥିଲେ । ଶ୍ରୀ ଭିନୀଲ କ୍ରୀଷ୍ଣା ଝାରସୁଗୁଡ଼ା ହକି ଆସୋସିଏସନର କାର୍ଯ୍ୟରେ ସନ୍ତୋଷ ପ୍ରକାଶ କରି ଏଠାରେ ଏକ ହଷ୍ଟେଲ କରିବା ପାଇଁ ସମସ୍ତ ଚେଷ୍ଟା କରିବେ ବୋଲି ପ୍ରତିଶୃତି ପ୍ରଦାନ କରିଛନ୍ତି । ଏଚ୍-କଟାପାଲି ସ୍ଥିତ ହକି ଷ୍ଟାଡିୟମର ଟର୍ଫ କାର୍ଯ୍ୟ ଶେଷ ହେବା ପରେ ଆସନ୍ତା ମେ ମାସରେ ପରିଦର୍ଶନରେ ଆସିବେ ବୋଲି ମତବ୍ୟକ୍ତ କରିଥିଲେ । ଶ୍ରୀ ମହାନ୍ତି ଏକ କବାଡି ର ଖେଲୋ ଇଣ୍ଡିଆ କେନ୍ଦ୍ର ଖୋଲିବା ପାଇଁ ଅନୁରୋଧ ଜଣାଇଥିଲେ ।

## ମଇ ୯ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ନୂଆପଡ଼ା : ଜାତୀୟ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ନୂଆପଡା ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସମର ବିଳାସ ବେହେରାଙ୍କ ତତ୍ୱାବଧାନରେ ଆସନ୍ତା ମଇ ୯ ତାରିଖ ଶନିବାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ନୂଆପଡା ଜିଲ୍ଲା କୋର୍ଟ ସମେତ କୋମନା, ଖଡ଼ିଆଳ, ସିନାପାଲି ଓ ବୋଡ଼େନ କୋର୍ଟରେ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ମୋକଦ୍ଦମା ତଥା ଦେୱାନୀ, ଫୌଜଦାରୀ, ମୋଟର ଦୂର୍ଘଟଣାଜନିତ କ୍ଷତିପୂରଣ, ବୈବାହିକ ବିବାଦ (ଛାଡ଼ପତ୍ର ବାଦଦେଇ), ଜମି ଅଧିଗ୍ରହଣ, ବିଦ୍ୟୁତ ଓ ଜଳ ଯୋଗାଣ ବିଲ୍ ଦେୟଜନିତ ବିବାଦ, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ପ୍ରାକ୍-ମୋକଦ୍ଦମା ସ୍ତରୀୟ ତଥା ବ୍ୟାଙ୍କ ଋଣ ବିବାଦ, ରାଜସ୍ୱ ଓ ଅନ୍ୟାନ୍ୟ ଦେୱାନି, ଫୌଜଦାରୀ ମୋକଦ୍ଦମା ଗୁଡ଼ିକର ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ । ମୋକଦ୍ଦମା ଓ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ଦେବାକୁ ପଡ଼େ ନାହିଁ । ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ ହୋଇଥାଏ । ସବିଶେଷ ବିବରଣୀ ନିମନ୍ତେ ନୂଆପଡ଼ା ଜିଲ୍ଲା ଆଇନ ସେବା କାର୍ଯ୍ୟାଳୟର ହେଲ୍ପଲାଇନ୍ ନମ୍ବର ୦୬୬୭୮-୨୨୫୩୩୬ ଏବଂ ଟୋଲ ଫ୍ରି ନମ୍ବର ୧୫୧୦୦ ସହିତ ତୁରନ୍ତ ଯୋଗାଯୋଗ କରିବାକୁ ସଚିବ ନବନୀତା ଦାଶ ସୂଚନା ଦେଇଛନ୍ତି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତର ସଫଳ ସମ୍ପାଦନା ପାଇଁ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସମର ବିଳାସ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ସୁନୀଲ କୁମାର ଦାସ, ମୁଖ୍ୟ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ସୁଶାନ୍ତ କୁମାର ମିଶ୍ର, ବରିଷ୍ଠ ଦେୱାନୀ ଜଜ୍ ଦୁର୍ବାସା ଦୁର୍ଗା, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ମହିଳା କୋର୍ଟ ଜଜ୍ ସରୋଜିନୀ ସାହୁ, ରେଜିଷ୍ଟ୍ରାର ସୌଭାଗ୍ୟ ରଞ୍ଜନ ପ୍ରଧାନ, ଏସ ଡି ଜେ ଏମ୍ ସ୍ନାତକୀ ଦାଶ, ଜିଲ୍ଲା ଓକିଲ ସଂଘ ସଭାପତି କ୍ଷୀତିଶ ବୋଧନକର, ଉପସଭାପତି ପ୍ରକାଶ ସ୍ୱାଇଁ, ସଚିବ ପ୍ୟାରିଲାଲ ଦେୱାଙ୍ଗନ, ଜାତୀୟ ସରକାରୀ ଏବଂ ବେସରକାରୀ ବ୍ୟାଙ୍କଗୁଡ଼ିକର ପ୍ରବନ୍ଧକଗଣ, ଟାଟା ପାୱାର ର ପ୍ରତିନିଧି ପ୍ରମୁଖ ଉପସ୍ଥିତ ହୋଇ ଆଗାମୀ ରାଷ୍ଟ୍ରୀୟ ଲୋକ ଅଦାଲତର ସଫଳ ସମ୍ପାଦନା ପାଇଁ ରୂପରେଖ ପ୍ରସ୍ତୁତ କରିଥିଲେ । ଏହି ଅବସରରେ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସମର ବିଳାସ ବେହେରା ସମସ୍ତ ସରକାରୀ ଓ ବେସରକାରୀ ବ୍ୟାଙ୍କଙ୍କୁ ଅଧିକରୁ ଅଧିକ ପ୍ରାକ୍-ମୋକଦ୍ଦମାସ୍ତରୀୟ ବ୍ୟାଙ୍କ ଋଣ ମାମଲାଗୁଡ଼ିକର ରାଷ୍ଟ୍ରୀୟ ଲୋକ ଅଦାଲତରେ ସମାଧାନ କରିବାକୁ ଆହ୍ୱାନ କରିଥିଲେ । ସେହିପରି ସଚିବ ସୁଶ୍ରୀ ଦାଶ ଆସନ୍ତା ମଇ ୯ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ରାଷ୍ଟ୍ରୀୟ ଲୋକ ଅଦାଲତରେ ଆପୋଷ ବୁଝାମଣା ଓ ସରଳ ଉପାୟରେ ନିଜ ନିଜର ମାମଲାର ସମାଧାନ ପାଇଁ ଆହ୍ୱାନ କରିଥିଲେ

## ମା' ଜନ୍ମ ଦେଇ ଦୁନିଆର ଆଲୋକ ଦେଖାଏ ଏବଂ ମାଟି ଦିଏ ପରିଚୟ

# ମାତୃଶକ୍ତି ବନ୍ଦନ : ମା' ଓ ମାଟି ମହୋତ୍ସବ -୨୦୨୬ ଉଦ୍ଘାଟିତ

ଭଦ୍ରକ : ମା' ଏକ ଶବ୍ଦ ନୁହେଁ,ଏକ ସ୍ନେହାପ୍ଲୁତ ପବିତ୍ର ଭାବନା ଏବଂ ମାଟି , କେବଳ ଭୂମି ନୁହେଁ, ଏହା ଆମ ପରିଚୟ । ମା' ଆମକୁ ଜନ୍ମ ଦେଇ ଦୁନିଆର ଆଲୋକ ଦେଖାଏ, ଆମକୁ ଗଢେ, ଆମକୁ ଶିଖାଏ ଏବଂ ମାଟି ଦିଏ ବଂଚିବାର ଉପାଦାନ, ଭାଷା, ସଂସ୍କୃତି ଓ ପରିଚୟ ବୋଲି ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ କମିଟି ତଥା ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ, ଭଦ୍ରକ ଏବଂ ଭୂମି କନ୍ୟା ମହିଳା ସଙ୍ଗଠନ ଓଡ଼ିଶା, ଭଦ୍ରକ ଆନୁକୁଲ୍ୟରେ ଭଦ୍ରକ ସହର କଚେରୀ ବଜାର ସ୍ଥିତ ମନମୋହନ ସଂଗୀତ ପରିଷଦ ପଡ଼ିଆରେ ଆୟୋଜିତ ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ -୨୦୨୬ ଉଦ୍ଘାଟନ ଉତ୍ସବରେ ଭଦ୍ରକର ବିଧାୟକ ସିତାଂଶୁ ଶେଖର ମହାପାତ୍ର, ମୁଖ୍ୟ ଅତିଥି ତଥା ଉଦଘାଟକ ଭାବେ ଯୋଗ ଦେଇ ଅତ୍ୟନ୍ତ ଭାବପ୍ରବଣରେ ମତବ୍ୟକ୍ତ କରିଛନ୍ତି । ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନର ସଭାନେତ୍ରୀ କଳ୍ପନା ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉଦଘାଟନ ସମାରୋହରେ ସେବା ନିବୃତା ପ୍ରାଧ୍ୟାପିକା ତଥା ଅଧିବକ୍ତା ଡ. ରାଧାରାଣୀ ମହାପାତ୍ର ମୁଖ୍ୟ ବକ୍ତା, ଭୂମିକନ୍ୟା ମହିଳା ସଙ୍ଗଠନ ଓଡ଼ିଶାର ସଭାନେତ୍ରୀ ସଂଯୁକ୍ତା ବଳନାୟକ, ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନର ସମ୍ପାଦିକା ଅଞ୍ଜନା ମିଶ୍ର ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ । ରକ୍ତତୀର୍ଥ ଇରମ ଗୁଳିକାଣ୍ଡର ମହିଳା ଶହୀଦ ପରିବେୱାଙ୍କ ସ୍ମୃତିରେ ଉଦଘାଟନୀ ମଂଚକୁ ଉତ୍ସର୍ଗ କରାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ଡ. ଜାନକୀ ପାଢ଼ୀ ସ୍ୱାଗତ ଭାଷଣ ଓ ଅଧ୍ୟକ୍ଷା ଦୀପ୍ତିମୟୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହୋତ୍ସବର ଉପସଭାପତି, ଶିକ୍ଷୟିତ୍ରୀ ମନୋରମା ରାୟ ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ କରିଥିଲେ । ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ଭାଷଣ ସଂଗୀତ ପରିବେଷଣ କରିଥିଲେ ଓ ଅଧିବକ୍ତା ଅଞ୍ଜୁବାଳା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ମହୋତ୍ସବର ସଭାପତି ଇଂ. ଅଭୟ ସୂତାର, ସମ୍ପାଦକ ରବିନାରାୟଣ ଖିଲାର, ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର ପ୍ରମୁଖ ମଂଚ ଓ ମହୋତ୍ସବ ପରିଚାଳନା କରି ଥିଲେ । ମନମୋହନ ସଂଗୀତ ପରିଷଦ, ଭଦ୍ରକ ଓ ଦର୍ଶନ ସାଂସ୍କୃତିକ ଏକାଡେମୀ, ଭଦ୍ରକର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ମଇ୦୧ରୁ ୦୭ ପର୍ଯ୍ୟନ୍ତ ୭ଦିନ ଧରି ଅନୁଷ୍ଠିତ ଉକ୍ତ ସାରସ୍ୱତ ଓ ସାଂସ୍କୃତିକ ତଥା ମାତୃ ବନ୍ଦନ କାର୍ଯ୍ୟକ୍ରମରେ ଝୋଟି ଚିତା, ମୁରୁଜ, ଚିତ୍ରାଙ୍କନ ,ପୁଚିଖେଳ, ପିଠା,ରୋଷେଇ, ମେହେନ୍ଦି, ନୃତ୍ୟ, ଗୀତ, ଅଭିନୟ ଆଦି ପ୍ରତିଯୋଗିତା, କବିତା ପାଠ, ସମ୍ବର୍ଦ୍ଧନା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଭଦ୍ରକ ଜିଲ୍ଲାର ବହୁ କଳାକାର ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ମହୋତ୍ସବର ସମ୍ପାଦକ ପ୍ରକାଶ କରିଛନ୍ତି ।

## ମଧୁମେହ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ : ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ମଧୁମେହ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଆରୋଗ୍ୟ ଭାରତୀ ଅଧ୍ୟକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି କହିଲେ ଆଳସ୍ୟ, ଅଧିକ ଧାତୁକ୍ଷୟ, ମଧୁର, ଦହି ଜାତୀୟ ଖାଦ୍ୟ, ଦିବା ନିଦ୍ରା ଏହି ରୋଗର କାରଣ । ମଧୁମେହରୁ ମୁକ୍ତ ପାଇଁ ବ୍ରାହ୍ମ ମୁହୂର୍ତରେ ଶଯ୍ୟାତ୍ୟାଗ କରି ଉଷ୍ଣଜଳରେ ଲେମ୍ବୁ ଲୁଣ ସର୍ବତ ପାନ, ପ୍ରାତଃ ଭ୍ରମଣ, ଯୋଗ, ଆସନ, ପ୍ରାଣାୟାମ କରିବେ । ଖାଦ୍ୟରେ ଗଜାମୁଗ, ସୋଲା ଚଣା, ବିଟ, ଗାଜର, ମୂଳା, ପିଆଜ, କାକୁଡି ସାଲାଡ଼ ପଚିଶ ପ୍ରତିଶତ ଖାଇବେ, ତେଲ, ଆମିଷ, କ୍ଷୀର ଜାତୀୟ ସମସ୍ତ ଖାଦ୍ୟ ଓ ଚିନ୍ତା ମୁକ୍ତ ଜୀବନ ବିତାଇଲେ ଶୀଘ୍ର ମଧୁମେହ, ରକ୍ତଚାପ, କୋଲେଷ୍ଟେରଲ୍ ଭଲ ହେଉଥିବା ସୂଚନା ଦେଇ ଥିଲେ । ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ଅମ୍ଳପିତ, ସ୍ତ୍ରୀ ରୋଗ ଆଦିର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଦେଇଥିଲେ । ରୋଗୀଙ୍କୁ ଔଷଧ ବିତରଣ କରାଯାଇଥିଲା । ଶିବିର ପରିଚାଳନାରେ ସହଯୋଗ କରିଥିଲେ କେ. ବାଳକୃଷ୍ଣ ପାତ୍ର ।

## ଆଖଣ୍ଡଳମଣିଙ୍କ ଶିବବିବାହ ପାଇଁ ଉଠିଲା ଲଗ୍ନ ଚିଟାଉ ଥାଳି ; ଜୁନ୍ ୧୯ରେ ଦେବଦମ୍ପତିଙ୍କ ବିବାହ

ଭଦ୍ରକ: ଆରଡିପୀଠ ବାବା ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ଶିବବିବାହ ଉତ୍ସବ ଆସନ୍ତା ଜୁନ୍ ୧୯ରେ ବୈଦିକ ରୀତିନୀତି ଓ ଲୋକାଚାର ଅନୁଯାୟୀ ଅନୁଷ୍ଠିତ ହେବ । ଏଥିପାଇଁ ବୈଶାଖମାସ ଶୁକ୍ଳପକ୍ଷ ନୃସିଂହ ଚତୁର୍ଦ୍ଦଶୀରେ ଅବସରରେ ବରପିତା ଓ କନ୍ୟାପିତା ଚୟନ ପ୍ରକ୍ରିୟା କାର୍ଯ୍ୟ ସମାପନ ହେବା ପରେ ଶୁକ୍ରବାର ପବିତ୍ର ଚନ୍ଦନ ପୂର୍ଣ୍ଣିମା ଅବସରରେ ଲଗ୍ନ ଚିଟାଉ ଥାଳି ଉଠା କାର୍ଯ୍ୟ ସମ୍ପନ୍ନ ହୋଇଛି । ଏହି ଅବସରରେ ବାବାଙ୍କ ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବା ପରେ ଅପରାହ୍ନ ୪ଟାରେ ବାବାଙ୍କ ପାଖରୁ ଆଜ୍ଞାମାଳ ଆସିଥିଲା । ସେବାୟତମାନେ ଆଜ୍ଞାମାଳକୁ ଏକ ସୁସଜ୍ଜିତ ବିମାନରେ ବିଜେ କରାଇ ବରପିତା ଗଦାଧର ପାଢ଼ୀଙ୍କ ଘରେ ବିଜେ କରାଇବା ପରେ ବୈଦିକ ରୀତିନୀତି ଅନୁଯାୟୀ ବରପିତା ଗଦାଧର ପାଢ଼ୀଙ୍କ ଦାତା କେନ୍ଦ୍ରାପଡ଼ା ଜିଲା ବାଟିପଡା ନିବାସୀ ଅସିତ କୁମାର ସାହୁ ଓ ସୁମିତ୍ରା ସାହୁ କର୍ତାଭାବେ କାର୍ଯ୍ୟ ତୁଲାଇବା ସହ ଜ୍ଞାତିକୁଟୁମ୍ବଙ୍କୁ ସାଥିରେ ନେଇ ସଂକିର୍ତନ , ତେଲିଙ୍ଗିବାଜା, ମାଦଳ ବାଜା, ବାଣ-ରୋଷଣୀ ଆଦିରେ କନ୍ୟାପିତାଙ୍କ ଘରକୁ ଯାତ୍ରା କରିଥିଲେ । ଲଗ୍ନ ଚିଟାଉ ଥାଳି ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଆରଡି ପୀଠ ପରିକ୍ରମା କରିବା ପରେ କନ୍ୟାପିତା ଭାବେ ସେବାୟତ ବିଚିତ୍ର ପାଢୀ ଓ ତାଙ୍କ ଦାତା କେନ୍ଦୁଝର ନିବାସୀ ମାନସ ରଞ୍ଜନ ସାହୁ ଓ ତାଙ୍କ ପତ୍ନୀ ପ୍ରଣୟିନୀ ସାହୁଙ୍କ ପକ୍ଷରୁ ଆୟୋଜିତ ଜଗନ୍ନାଥ ମନ୍ଦିରରେ ପହଂଚି ଥିଲା । ସେଠାରେ ଶଙ୍ଖ ହୁଳହୁଳି ସହ ଲଗ୍ନ ଚିଟାଉ ଥାଳିକୁ ପାଛୋଟି ନେଇଥିଲେ କନ୍ୟାଘରର ଲୋକମାନେ । ସେଠାରେ ଉଭୟ ବରପକ୍ଷ ଓ କନ୍ୟାପକ୍ଷଙ୍କ ପକ୍ଷରୁ ଲୋକାଚାରରେ ବ୍ରାହ୍ମଣ ଓ ଜ୍ୟୋତିଷଙ୍କ ଦ୍ୱାରା ତାଳପତ୍ରରେ ଲେଖନି ଦ୍ୱାରା ଆସନ୍ତା ଜୁନ୍ ମାସ ୧୯ତାରିଖ କୃଷ୍ଣପକ୍ଷ ପଂଚମୀ ତିଥିରେ ଦେବଦମ୍ପତିଙ୍କ ବିବାହ ପାଇଁ ସମୟନିର୍ଘଂଟ ସ୍ଥିର କରଯାଇଥିବା ଲେଖାଯିବା ପରେ ସର୍ବସମ୍ମତିକ୍ରମେ ଜ୍ୟୋତିଷଙ୍କ ପାଠକରାଯାଇଥିଲା । ପରେ ଉକ୍ତ ଲଗ୍ନ ଚିଟାଉ ଥାଳିକୁ କନ୍ୟାପିତା ବରପିତାଙ୍କୁ ସମର୍ପଣ କରିବା ପରେ ପୂର୍ନବାର ଘଂଟା କିର୍ତନ ବାଦ୍ୟ ସହ ବରପିତାଙ୍କ ଘରେ ଜ୍ଞାତିକୁଟମ୍ବଙ୍କ ଗହଣରେ ଲଗ୍ନ ଚିଟାଉ ପାଠ କରାଯାଇଥିଲା । ପରେ ବରପିତା ଓ କନ୍ୟାପିତାଙ୍କ ଘରେ ଗୁଆ ମଙ୍ଗୁଳା ଯିବା ପରେ ଦେବାଦେବୀ ଓ ବନ୍ଧୁ ପରିଜନଙ୍କୁ ମଙ୍ଗୁଳା ଗୁଆ ଓ ନିମନ୍ତ୍ରଣପତ୍ର ବଂଟନ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା ।କାର୍ଯ୍ୟ ସୁଚାର ରୂପେ ସମ୍ପନ୍ନ ହେବା ପାଇଁ ଜିଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିବା ବେଳେ ଶୋଭାଯାତ୍ରାରେ ଜିଲା ଓ ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଲଗ୍ନଥାଳ ଉଠା ଶୋଭାଯାତ୍ରାରେ ଅଗଣିତ ଭକ୍ତ ଓ ମନ୍ଦିରର ସେବାୟତ, ପ୍ରଶାସନିକ ଅଧିକାରୀ ପ୍ରମୁଖ ସାମିଲି ହୋଇଥିଲେ ।

## ଭଞ୍ଜ କଳାମଣ୍ଡପ ଭୁବନେଶ୍ୱରେ ମଂଚସ୍ଥ ନାଟ୍ୟ ଧାରାର ନାଟକ 'ନୂଆ ସକାଳ'

ବଲାଙ୍ଗୀର: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଭଞ୍ଜ କଳା ମଣ୍ଡପରେ ଅନୁଷ୍ଠିତ ନାଟ୍ୟ ଧାରା କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ଭବାନୀ ଶଙ୍କର କଳା ପରିଷଦ, ବଲାଙ୍ଗୀର ମଂଚସ୍ଥ କରିଥିଲେ । ଦିଲିପ କୁମାର ଦୀପଙ୍କ ରଚିତ ଏବଂ ରାଜେନ୍ଦ୍ର ମଲ୍ଲିକଙ୍କ ନିର୍ଦ୍ଦେଶିତ ନାଟକ "ନୂଆ ସକାଳ" ଯାହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ କିର୍ତି ରଂଜନ ସିଂ, ସଭାକୁ ପରିଚାଳନା କରିଥିଲେ ଓଡ଼ିଶା ନାଟ୍ୟ ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ, ଅତିଥି ଭାବେ ଯୋଗ ଦେଇଥିଲେ ବରିଷ୍ଠ ମଂଚ କଳାକର ଉପେନ୍ଦ୍ର ପତି ଏବଂ ମଂଚ କଳାକାର ବିଷ୍ଣୁ ଚରଣ ସ୍ୱାଇଁ । ନାଟକର ବିଭିନ୍ନ ଭୂମିକାରେ ଥିଲେ ନବୀନ କିଶୋର ବେହେରା, ଇଶ୍ୱରୀ ବେହେରା(ବେବି), ସନ୍ତୋଷ କୁମାର ଡାଙ୍ଗ, ସୁନାଧର ବଘାର, ଶିଶୁ କଳାକାର ରୂପେଶ ଠେଲା, ଆଲୋକ ସଂପାତ ଓ ମଂଚ ପରିଚାଳନାରେ ଅଶୋକ କୁମାର ଦୀପ ଏବଂ ଯଦୁନାଥ ବାରିକ । ସାଂପ୍ରତିକ ସମାଜରେ ବରିଷ୍ଠ ନାଗରିକଙ୍କ ଉପରେ ଆଧାରିତ ସମସ୍ୟାକୁ ନେଇ ନାଟକର କାହାଣୀ ଗତିଶୀଳ ହୋଇଥିଲା ।

## କେନ୍ଦୁପତ୍ର ବୋଝେଇ ଟ୍ରାକ୍ଟର ପୋଡ଼ି ପାଉଁଶ

ନୂଆପଡ଼ା: ନୂଆପଡ଼ା ଜିଲ୍ଲା ସଦର ବ୍ଲକ ତନୱାଟ ଗ୍ରାମ୍ ଠାରେ ଏକ କେନ୍ଦୁପତ୍ର ବୋଝେଇ ଟ୍ରାକ୍ଟର ପୋଡ଼ି ପାଉଁଶ ହୋଇ ଯାଇଛି । ଯାହାଫଳରେ ଲକ୍ଷାଧିକ ଟଙ୍କାର ଟ୍ରାକ୍ଟର ଓ କେନ୍ଦୁପତ୍ର ପୋଡ଼ି ନଷ୍ଟ ହୋଇଥିବା ବେଳେ ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି । କେନ୍ଦୁପତ୍ର ବୋଝେଇ ଟ୍ରାକ୍ଟର ତାନୱାଟ ଗ୍ରାମ ମଝିରେ ପହଂଚିବା ପରେ କେନ୍ଦୁପତ୍ରରେ ଅଚାନକ ନିଆଁ ଲାଗିଥିଲା । ହଠାତ୍ ସବୁ ପତ୍ର ହୁ ହୁ ହୋଇ ଜଳି ଉଠିଥିଲା । କାହାକୁ କିଛି କରିବାକୁ ମୌକା ମିଳିନଥିଲା । ଘଟଣାସ୍ଥଳରେ ଦମକଳ ବାହିନୀ ପହଂଚି ଅଗ୍ନି ଉପରେ ଆୟତ କଲାବେଳକୁ ସବୁ କେନ୍ଦୁ ପତ୍ର ପୋଡ଼ି ପାଉଁଶ ହୋଇଯାଇଛି । ଏହାସହ ଟ୍ରାକ୍ଟର ମଧ୍ୟ ପୋଡ଼ି ନଷ୍ଟ ହୋଇଯାଇଛି ।

## ୨୩ତମ ବାର୍ଷିକ ସମ୍ମିଳନୀ : କାର୍ଯ୍ୟକର୍ତା ଚୟନ

ଜୟପୁର : ଓଡିଶା ସେଲସ ରିପ୍ରେଜେନ୍ଟିଭ୍ ୟୁନିୟନ ଆନୁକୁଲ୍ୟରେ ୨୩ ତମ ବାର୍ଷିକ ସମ୍ମିଳନି ସହ କାର୍ଯ୍ୟକର୍ତା ଚୟନ ଅନୁଷ୍ଠିତ ହୋଇଛି । ଜୟପୁର ଶ୍ରମିକ କର୍ମଚାରି ଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏସସିଏମ ରାଜ୍ୟ କମିଟି ସଦସ୍ୟ ଲକ୍ଷ୍ମଣ କୁମାର ମିଶ୍ରଙ୍କ ସହଯୋଗ ଓ ଆନୁକୁଲ୍ୟରେ ବୈଠକ ଅନୁଷ୍ଠିତ ହୋଇଛି । ଜୟପୁର ଶାଖା ସଭାପତି ସରୋଜ କୁମାର ପଟ୍ଟନାୟକ, ସମ୍ପାଦକ ରଞ୍ଜନ କୁମାର ମିଶ୍ର ସଭା ପରିଚାଳନା କରିଥିଲେ । ଉକ୍ତ ସମ୍ମିଳନିରେ ନିତ୍ୟ ବ୍ୟବହାର୍ଯ୍ୟ, ଜୀବନ ରକ୍ଷା ଔଷଧର ଦରଦାମ କମାଇବା, ନିୟନ୍ତ୍ରଣ ରଖିବା ମାସିକ ପେନସନ ଅତି କମ୍ ରେ ମାସିକ ୨୬ ହଜାର ଧାର୍ଯ୍ୟ କରିବା, କାର୍ଯ୍ୟ ନର୍ଘନ୍ଟ ସମୟ ସୀମା ଧାର୍ଯ୍ୟ କରିବା ସେଲସ ପ୍ରମୋସନ ଏମ୍ପ୍ଲୋୟସ ଆକ୍ଟ ୧୯୭୬ କୁ ସରକାର ଉଚ୍ଛେଦ ନକରିବା ଆଦି ଦାବି ଉପରେ ଆଲୋଚନା କରାଯାଇଥିଲା । ବୈଠକରେ ସିଟି କୋଡିନେସନ କମିଟିର ସାଧାରଣ ସମ୍ପାଦକ ପ୍ରମୋଦ କୁମାର ମହାନ୍ତି ସଂଗଠନ ସମ୍ପାଦକ ଯୁଧିଷ୍ଠିର ରାଉଳ ଯୋଗ ଦେଇ ତାଙ୍କର ମତାମତ ବ୍ୟକ୍ତ କରିଥିଲେ । ଶେଷରେ ଆସନ୍ତା ବର୍ଷ ପାଇ ନୂତନ କର୍ମକର୍ତା ଚୟନ କରାଯାଇଥିଲା । ସଭାପତି ଭାବେ ପ୍ରିନ୍ସ ଖିଲାଡି, ସହ ସଭାପତି ସରୋଜ କୁମାର ପଟ୍ଟନାୟକ, ସମ୍ପାଦକ ଯୋଗେନ୍ ଚୌଧୁରି, ସହ ସମ୍ପାଦକ ପବନ ରୁମାର ସେଠୀ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ଦଳେଇଙ୍କୁ ଚୟନ କରାଯାଇଥିଲ । ରାଜ୍ୟ ସଭ୍ୟ ଲକ୍ଷ୍ମ କୁମାର ମିଶ୍ର ଶପଥ ପାଠ କରାଇଥିଲେ । ଜିଲା କମିଟି ସଦସ୍ୟ ଭାବରେ ମୋହନ ପାତ୍ର, ରଞ୍ଜନ ମିଶ୍ର, ସୁମନ ସାହୁ, ଅହମଦ୍ ରାଜା. ନିକୁଞ୍ଜ ବିହାରି ସାହୁ, ରବିନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ପରିଡା, ନୂତନ ପାଢୀ, ଦେବବ୍ରତ ହୋତା, ସୁଯ୍ୟ ସାବତ ମନୋନିତ ହୋଇଥିଲେ ।

## ବାଦୀପାଲା ମହୋତ୍ସବ

ଭୁବନ : ଭୁବନ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ଗାୟତ୍ରୀ ପାଲା ମଣ୍ଡପ ଠାରେ ୩୮ ତମ ବାଦୀପାଲା ମହୋତ୍ସବ ଅନୁଷ୍ଠିତ ହେଉଅଛି । ସଭାପତି ହୃଷୀକେଶ ସାହୁ, ସମ୍ପାଦକ ନରେନ୍ଦ୍ର କୁମାର ସାହୁଙ୍କ ତତ୍ୱାବଧାନରେ ଅନୁଷ୍ଠିତ ବାଦୀପାଲାରେ ଗାୟକ ଜ୍ଞାନ ବାରିଧି ଭାସ୍କର ଚନ୍ଦ୍ର ସାହୁ ଏବଂ ଗାୟକ ବାଣୀ ବିନୋଦ ପ୍ରସନ୍ନ କୁମାର ପଟ୍ଟନାୟକ ପାଲା ପରିବେଷଣ କରି ଦର୍ଶକଙ୍କ ମନୋରଞ୍ଜନ କରୁଛନ୍ତି । ସନ୍ଧ୍ୟା ପରଠାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବାଦୀପାଲା ଦେଖିବାକୁ ପ୍ରବଳ ଜନ ସମାଗମ ହେଉଛି । ଲଳିତ କୁମାର ମିଶ୍ର, ବ୍ରହ୍ମାନନ୍ଦ ସାହୁ, ଯୁବରାଜ ସାଥୁଆ ମହାପାତ୍ର, ସୁରେଶ କୁମାର ସାହୁ, ରତିକାନ୍ତ ସାହୁ, ଅଜୟ କୁମାର ସେଠୀ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରୁଛନ୍ତି ।

## ରାସ୍ତାକଡ଼ ସର୍ବସାଧାରଣ ସମ୍ମୁଖରେ ଜୀବହତ୍ୟା

ଜୟପୁର : କୋରାପୁଟ ଜିଲାରେ ସହରକୁ ଲାଗି ରହିଥିବା ବିଭିନ୍ନ ସ୍ଥାନରେ ସର୍ବସାଧାରଣ ସମ୍ମୁଖରେ ଜୀବହତ୍ୟା କରାଯାଉଛି । କୋରାପୁଟ ଜିଲାର ଜୟପୁର, କୋରାପୁଟ, ସେମିଳିଗୁଡା, ବୈପାରିଗୁଡା, ବୋରିଗୁମ୍ମା, ଲକ୍ଷ୍ମୀପୁର, ଲମତାପୁଟରେ ରାସ୍ତା କଡରେ ମାଂସ ବିକ୍ରି କରାଯାଉଛି । ମାଂସ ବିକ୍ରି କରିବା ଠିକ୍, କିନ୍ତୁ ରାସ୍ତାକଡରେ ଜୀବହତ୍ୟା କରି ମାଂସ ବିକ୍ରି ହେବାକୁ ସାଧାରଣରେ ନାପସନ୍ଦ କରାଯାଉଛି । ସରକାରୀ ନିୟମାନୁସାରେ ସାର୍ବଜନୀନ ସ୍ଥାନରେ ଜୀବହତ୍ୟା କରିବା ଉଚିତ୍ ନୁହେଁ, କିନ୍ତୁ ଏଠାରେ ନିୟମ ଉଲ୍ଲଙ୍ଘନ କରାଯାଉଛି । ତଥାପି ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ବୁଦ୍ଧିଜୀବି ମହଲରେ ଅଭିଯୋଗ ହେଉଛି । ଏହି ମାଂସ ଦୋକାନ ମାନଙ୍କରେ ପ୍ରତିଦିନ ସର୍ବସାଧାରଣ ସମ୍ମୁଖରେ ଜୀବହତ୍ୟା କରାଯାଉଛି । ପୁଣି ମୁଖ୍ୟ ରାଜରାସ୍ତାରେ ହତ୍ୟା କରାଯିବା ସହ ପ୍ରବଳ ଦୁର୍ଗନ୍ଧ ହେଉଛି ଏବଂ ପଶୁଙ୍କ ପ୍ରତି ନିଷ୍ଠୁରତାର ସୀମା ଲଙ୍ଘନ କରିଥିବା ଅଭିଯୋଗ ହେଉଛି । ରାସ୍ତାରେ ଥିବା କଂସେଇଖାନା ଗୁଡ଼ିକ ଯୋଗୁଁ ରାସ୍ତାରେ ଯିବାଆସିବା କଷ୍ଟକର ହୋଇପଡୁଛି । ମାଂସବିକ୍ରି ଉପରେ ପ୍ରତିବନ୍ଧକ ନାହିଁ, କିନ୍ତୁ ସାର୍ବଜନୀନ ସ୍ଥଳରେ ଜୀବହତ୍ୟା ଠିକ୍ ନୁହେଁ । ରାସ୍ତାରେ ଯିବାଆସିବା କରୁଥିବା ଛାତ୍ରଛାତ୍ରୀ ଓ ଦୁର୍ବଳ ହୃଦୟ ଲୋକଙ୍କୁ କେମିତି କଷ୍ଟ ହେଉଥିବ ସହଜେ ଅନୁମେୟ । ଛାତ୍ରଛାତ୍ରୀଙ୍କ ଉପରେ ମଧ୍ୟ ଏହାର କୁପ୍ରଭାବ ପଡୁଥିବା ଲକ୍ଷ୍ୟ କରାଯାଇଛି । ଦେଶରେ କଂସେଇଖାନା ଏବଂ ମାଂସ ଦୋକାନ ନିୟନ୍ତ୍ରଣ ପାଇଁ ଆଇନ ରହିଛି । ପଶୁଙ୍କ ପ୍ରତି ନିଷ୍ଠୁରତା ନିବାରଣ ଆଇନ-୧୯୬୦ ଅନୁସାରେ ହତ୍ୟା ସମୟରେ ପଶୁମାନଙ୍କୁ ଅନାବଶ୍ୟକ ଯନ୍ତ୍ରଣା ଏବଂ କଷ୍ଟ ନିଷେଧ କରେ । କଂସେଇଖାନା ନିୟମ-୨୦୦୧ ଅନୁସାରେ କଂସେଇଖାନା କରିବା ପାଇଁ ପ୍ରାଣୀ ଚିକିତ୍ସା ବିଭାଗର ପ୍ରମାଣପତ୍ର ଲୋଡ଼ା । ଉନ୍ନତ ଜୀବହତ୍ୟା ପଦ୍ଧତି ଆପଣାଇବା ଏବଂ ଉପଯୁକ୍ତ ପରିମଳ ବ୍ୟବସ୍ଥା ବଜାୟ ରଖିବା ବାଧ୍ୟତାମୂଳକ କରାଯାଇଛି । ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ଅନୁସାରେ ସମସ୍ତ ମାଂସଦୋକାନ ଏବଂ କଂସେଇଖାନା ଗୁଡ଼ିକୁ ଲାଇସେନ୍ସ ପାଇବା ଏବଂ ସ୍ୱଚ୍ଛତା ମାନଦଣ୍ଡ ବଜାୟ ରଖିବା ଆବଶ୍ୟକ ବୋଲି ଦର୍ଶାଯାଇଛି । ସରକାରଙ୍କ ନିୟମାବଳୀ ଅନୁସାରେ ଅବୈଧ କିମ୍ବା ଅସ୍ୱଚ୍ଛ କଂସେଇଖାନା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପ୍ରାବଧାନ ରହିଛି । ମାଂସ ବଜାର ପାଇଁ ସ୍ୱତନ୍ତ୍ରଜୋନ୍ କରି ଆବଶ୍ୟକ ସୁବିଧା ଯୋଗାଇ ଦେବାକୁ କୁହାଯାଇଛି । ସାର୍ବଜନୀନ ସ୍ଥାନରେ ହତ୍ୟା କରିବାକୁ ମଧ୍ୟ ବାରଣ କରାଯାଇଛି । ଏହି ଆଇନ ସତ୍ତ୍ୱେ କୋରାପୁଟ ଜିଲାରେ ତାହା ପାଳନ କରାଯାଉ ନାହିଁ । ଅନେକ କଂସେଇଖାନା ଲାଇସେନ୍ସ କିମ୍ବା ପ୍ରାଣୀ ବିଭାଗର ତଦାରଖ ବିନା ଚାଲିଛି । ତଥାପି ମୁଖ୍ୟ ରାଜରାସ୍ତା କଡରେ ଥିବା କଂସେଇଖାନା ଗୁଡ଼ିକ ବେଶ୍ ଅସ୍ୱଚ୍ଛ ପରିବେଶରେ ଚାଲିଛି, ପ୍ରାଣୀଙ୍କୁ ସର୍ବସମ୍ମୁଖରେ ହତ୍ୟା କରାଯାଉଥିବା ବେଳେ ରକ୍ତ, ଦେହାବଶେଷ ଠିକ୍ ଭାବେ ପକ୍ରିୟାକରଣ କରାଯାଉ ନାହିଁ ଓ ନାଳାରେ ଦେହାବଶେଷ ଭସାଇ ଦିଆଯାଉଥିବାରୁ ଅଂଚଳରେ ସବୁବେଳେ କୁକୁର ମାନେ ଉକ୍ତ ଚମଡାକୁ ଧରି ଏଣେ ତେଣେ ବୁଲୁଥିବା ଲକ୍ଷ୍ୟ କରାଯାଇଛି । ରାସ୍ତାରେ ସବୁବେଳେ ଦୁର୍ଗନ୍ଧ ହେଉଥିବାରୁ ଯିବାଆସିବା କଷ୍ଟକର ହୋଇ ପଡୁଛି । ଏନେଇ ରାସ୍ତାରେ ଥିବା ମାଂସ ଦୋକାନର ଲାଇସେନ୍ସ ଅଛି କି ନାହିଁ ତାହା ତଦନ୍ତ ସାପେକ୍ଷ କରିବା ଜରୁରୀ । କେଉଁ ଦୋକାନର ସ୍ଥିତି କ'ଣ ତାହା ଯାଂଚ୍ କରି ପ୍ରଶାସନ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି




# ପ୍ରଯୁକ୍ତି ବଦଳାଉଛି ଭାରତୀୟ ଜୋତା ଶିଳ୍ପର ଭବିଷ୍ୟତ

ଯେତେବେଳେ ଆମେ 'ଆତ୍ମନିର୍ଭର ଭାରତ' ବିଷୟରେ କଥା ହେଉ, ଆମେ କେବଳ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା କଥା କହୁନାହୁଁ, ବରଂ ବିଶ୍ୱସ୍ତରୀୟ ମୂଲ୍ୟ ଶୃଙ୍ଖଳାରେ ନେତୃତ୍ୱ ନେବା କଥା କହୁଛୁ । ଖୁବ୍ କମ୍ କ୍ଷେତ୍ର ଅଛି ଯାହା ଏହି ସୁଯୋଗକୁ ଜୋତା ଶିଳ୍ପ ଭଳି ସ୍ୱଷ୍ଟ ଭାବରେ ଦର୍ଶାଇଥାଏ । ଏହା ଦୈନନ୍ଦିନ ଜୀବନର ସବୁଠାରୁ ଅପରିହାର୍ଯ୍ୟ ସାମଗ୍ରୀ ମଧ୍ୟରୁ ଅନ୍ୟତମ-ଚାଲି ଚାଲି ସ୍କୁଲ୍ ଯାଉଥିବା ଜଣେ ଛାତ୍ର, ଦୀର୍ଘ ସମୟ ଧରି ଠିଆ ହୋଇ କାମ କରୁଥିବା ଶ୍ରମିକ, ସର୍ବଦା କାର୍ଯ୍ୟବ୍ୟସ୍ତ ରହୁଥିବା ଜଣେ ଡେଲିଭରି ପାର୍ଟନର ଏବଂ ନିଜର ଶାରୀରିକ ସୀମାକୁ ଅତିକ୍ରମ କରୁଥିବା ଜଣେ କ୍ରୀଡ଼ାବିତ୍‌ଙ୍କ ପର୍ଯ୍ୟନ୍ତ ସମସ୍ତେ ଏହାକୁ ବ୍ୟବହାର କରନ୍ତି । ତଥାପି, ବିଶ୍ୱର ଦ୍ୱିତୀୟ ବୃହତମ ଉତ୍ପାଦନକାରୀ ଦେଶ ହୋଇ ମଧ୍ୟ ବିଶ୍ୱ ପାଦୁକା ରପ୍ତାନି କ୍ଷେତ୍ରରେ ଭାରତର ଅଂଶଧନ ଅତି ନଗଣ୍ୟ । କ୍ଷମତାର ଅଭାବ ଯୋଗୁଁ ନୁହେଁ ବରଂ ସାମଗ୍ରୀର ଡିଜାଇନ୍ ଏବଂ କାର୍ଯ୍ୟଦକ୍ଷତା ଆଡ଼କୁ ପରିବର୍ତନର ଆବଶ୍ୟକତା ଯୋଗୁଁ ଏହି ବୈଷବ୍ୟ ରହିଥିବା ଜଣାଯାଏ । ଏହି ପରିବର୍ତନର କେନ୍ଦ୍ରରେ ଏକ କାରଣ ଅଛି ଯାହାକୁ ପ୍ରାୟତଃ ଅଣଦେଖା କରାଯାଇଥାଏ – ତାହା ହେଲା ବୈଷୟିକ ବୟନ ଶିଳ୍ପ । ମୁଁ ନିକଟରେ ଆଗ୍ରା ଗସ୍ତ କରିବା ସମୟରେ ଏହାକୁ ଅଧିକ ସ୍ୱଷ୍ଟ ଭାବରେ ବୁଝିବା ଆରମ୍ଭ କଲି । ଆଗ୍ରା ଏହାର ଜୋତା ଶିଳ୍ପ ପାଇଁ ସର୍ବତ୍ର ବେଶ୍ ଜଣାଶୁଣା । ଏହାର ଉତ୍ପାଦନ କ୍ଲଷ୍ଟରଗୁଡ଼ିକରେ ବୁଲି ଏବଂ ଜୋତା ନିର୍ମାତାମାନଙ୍କ ସହିତ ଆଲୋଚନା କରିବା ଫଳରେ ଏହା ସ୍ୱଷ୍ଟ ହୋଇଗଲା ଯେ ଏହି ଶିଳ୍ପରେ ନବସୃଜନ ପୂର୍ବରୁ ଚାଲିଛି । ଅନେକ ୟୁନିଟ୍ ଏପରି ସାମଗ୍ରୀ ବ୍ୟବହାର କରୁଥିଲେ ଯାହା ଆରାମ, ସ୍ଥାୟୀତ୍ୱ ଏବଂ ନମନୀୟତାକୁ ଉନ୍ନତ କରିଥିଲା । ତଥାପି ସେମାନଙ୍କ ମଧ୍ୟରୁ ଅନେକ ଏଗୁଡ଼ିକୁ ବୈଷୟିକ ସାମଗ୍ରୀ ଭାବରେ ବର୍ଣ୍ଣନା କରି ନଥିଲେ । ସେମାନେ କେବଳ ସେଗୁଡ଼ିକୁ ଉନ୍ନତ ଇନପୁଟ୍ ଭାବରେ ଦେଖୁଥିଲେ ଯାହା ବିକଶିତ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିଥାଏ । ପରବର୍ତୀ ସମୟରେ ଦିଲ୍ଲୀରେ ଫୁଟୱେୟର ଆସୋସିଏସନ ସହିତ ଏକ ବୈଠକ ସମୟରେ ଏହି ଅନ୍ତର୍ଦୃଷ୍ଟି ଅଧିକ ଗଭୀର ହୋଇଥିଲା । ଶିଳ୍ପ ଅଂଶୀଦାରମାନେ ଗ୍ରାହକଙ୍କ ଚାହିଦା ପରିବର୍ତନ କରିବା, ହାଲୁକା ଜୋତା, ଭଲ କୁଶନିଂ, ଉନ୍ନତ ଶ୍ୱାସକ୍ରିୟା ଏବଂ ଦୀର୍ଘସ୍ଥାୟୀତା ବିଷୟରେ ଆଲୋଚନା କରାଯାଇଥିଲା । ଏଗୁଡ଼ିକ ଆଉ ପ୍ରିମିୟମ୍ ବୈଶିଷ୍ଟ୍ୟ ନଥିଲା, ବରଂ ମାନକ ଆବଶ୍ୟକତା ହୋଇଯାଉଥିଲା । ଏହି ଆଲୋଚନାରେ ମୋର ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ଉପରେ ଆଲୋକପାତ କରିଥିଲା: ଫୁଟୱେୟର ଶିଳ୍ପ ପୂର୍ବରୁ ବୈଷୟିକ ପରିଧାନକୁ ଆନୁଷ୍ଠାନିକ ଭାବରେ ଚିହ୍ନଟ ନକରି ମଧ୍ୟ ବ୍ୟାପକ ଭାବରେ ବ୍ୟବହାର କରିଆସୁଛି । ସେହି ଅନୁଭବ ସମଗ୍ର ଆଲୋଚନାକୁ ପୁନଃ ଆକାର ପ୍ରଦାନ କରିଥିଲା । ବିଶ୍ୱ ସ୍ତରରେ ଫୁଟୱେୟର ଶିଳ୍ପ ବାର୍ଷିକ ପ୍ରାୟ ୨୩.୯ ବିଲିୟନ ଯୋଡ଼ା ଉତ୍ପାଦନ କରେ ଯାହାର ବଜାର ଆକାର ପ୍ରାୟ ୫୦୦ ବିଲିୟନ ଟଙ୍କା । ଭାରତ ବିଶ୍ୱ ଉତ୍ପାଦନର ପ୍ରାୟ ୧୨.୫ ପ୍ରତିଶତ ପୂରଣ କରେ, କିନ୍ତୁ ଏହାର ରପ୍ତାନି ଅଂଶ କେବଳ ୨ ପ୍ରତିଶତ ମଧ୍ୟରେ ସୀମିତ ରହିଛି ଯାହା କ୍ଷମତା ଏବଂ ବିଶ୍ୱ ସ୍ଥିତି ମଧ୍ୟରେ ଏକ ସ୍ୱଷ୍ଟ ବ୍ୟବଧାନକୁ ପ୍ରତିପାଦିତ କରିଥାଏ । ସେହି ସମୟରେ ବିଶ୍ୱର ପ୍ରାୟ ୮୬ ପ୍ରତିଶତ ଫୁଟୱେୟର ଅଣ-ଚମଡ଼ା ଅଟେ ଯେତେବେଳେ ଭାରତର ଶିଳ୍ପ ଐତିହାସିକ ଭାବରେ ଚମଡ଼ା ଉପରେ କେନ୍ଦ୍ରିତ ହୋଇଛି । ଦେଶ ଭିତରେ ଏହି କାହାଣୀ ଦ୍ରୁତ ଗତିରେ ବିକଶିତ ହୋଇଚାଲିଛି । ୨୦୨୫ ମସିହାରେ ଭାରତୀୟ ଜୋତା ବଜାର ୨୦.୬୭ ବିଲିୟନ ଡଲାର ଆକାରରେ ପହଂଚିଥିଲା ଯାହା ବର୍ଦ୍ଧିତ ଆୟ ଏବଂ ପରିବର୍ତିତ ବ୍ୟବହାର ଢାଂଚାକୁ ପ୍ରତିଫଳିତ କରିଥାଏ । ଯଦିଓ ହାରାହାରି ଭାରତୀୟ ଏବେ ବି ପ୍ରତିବର୍ଷ ପ୍ରାୟ ୨ ଯୋଡ଼ା ଜୋତା କିଣନ୍ତି ଯାହା ବିଶ୍ୱ ସ୍ତରରେ ୭ ରୁ ୮ ଯୋଡ଼ା ରହିଛି । ଯେହେତୁ ସୁଲଭ ମୂଲ୍ୟରେ ଉନ୍ନତି ଘଟୁଛି ଏବଂ ଗ୍ରାହକଙ୍କ ପସନ୍ଦ ଆରାମ ଏବଂ କାର୍ଯ୍ୟଦକ୍ଷତା ଆଡକୁ ସ୍ଥାନାନ୍ତରିତ ହେଉଛି, ଘରୋଇ ବଜାର ଉଲ୍ଲେଖନୀୟ ଭାବରେ ବିସ୍ତାରିତ ହେବାକୁ ଯାଉଛି । ଏହି ସ୍ଥାନଟି ହେଉଛି ଯେଉଁଠାରେ ବୈଷୟିକ ବୟନଶିଳ୍ପ ଅଭିବୃଦ୍ଧିର ପରବର୍ତୀ ପର୍ଯ୍ୟାୟର କେନ୍ଦ୍ରବିନ୍ଦୁ ହୋଇଯାଏ । ବୟନଶିଳ୍ପ ମନ୍ତ୍ରଣାଳୟରେ ଏହି ପରିବର୍ତନକୁ ସ୍ମାର୍ଟ, ସ୍ଥାୟୀ ଏବଂ ନିରବଚ୍ଛିନ୍ନ ଢାଂଚା ମାଧ୍ୟମରେ କରାଯାଉଛି । ସ୍ମାର୍ଟ ଫୁଟୱେୟର ପ୍ରଯୁକ୍ତିବିଦ୍ୟା ଏବଂ ଡିଜାଇନର ବର୍ଦ୍ଧିତ ସମନ୍ୱୟକୁ ପ୍ରତିଫଳିତ କରେ । ଡିଜିଟାଲ୍ ଉପକରଣ କୃତ୍ରିମ ପ୍ରଜ୍ଞା (ଏ.ଆଇ) ଚାଳିତ ମଡେଲିଂ ଏବଂ ପାଦ ସ୍କାନିଂ ସ୍କେଲରେ କଷ୍ଟମାଇଜ୍ ସମାଧାନକୁ ସକ୍ଷମ କରୁଛି । ଏହା ବ୍ୟାପକ ଗ୍ରାହକ ଧାରା ସହିତ ସମାନ । ୨୦୨୫ ମସିହାରେ ଭାରତରେ ୨୮.୯ ନିୟୁତ ସ୍ମାର୍ଟୱାଚ୍ ବିକ୍ରୟ ରେକର୍ଡ ହୋଇଛି ଯାହା ୭୮୦ ନିୟୁତ ଡଲାର ରାଜସ୍ୱ ସୃଷ୍ଟି କରିଛି । ଏହା ଦୈନନ୍ଦିନ ବ୍ୟବହାର ସହିତ କାର୍ଯ୍ୟକାରିତାକୁ ମିଶ୍ରଣ କରୁଥିବା ଉତ୍ପାଦ ପାଇଁ ବର୍ଦ୍ଧିତ ପସନ୍ଦକୁ ସୂଚିତ କରେ । ସ୍ନିକର୍ ସେଗମେଂଟ ଏହି ପରିବର୍ତନକୁ ଆହୁରି ସ୍ୱଷ୍ଟ କରେ । ଏହା ୨୦୨୪ ମସିହାରେ ୩.୨ ବିଲିୟନ ଡଲାରରୁ ୨୦୩୦ ସୁଦ୍ଧା ପ୍ରାୟ ୬ ବିଲିୟନ ଡଲାରକୁ ବୃଦ୍ଧି ପାଇବାର ଆକଳନ କରାଯାଇଛି ଏବଂ ପରିମାଣ ୫୫ ନିୟୁତରୁ ୭୦ ନିୟୁତ ଯୋଡ଼ିକୁ ବୃଦ୍ଧି ପାଇବ । ଗ୍ରାହକମାନେ ସ୍ୱଷ୍ଟ ଭାବରେ ଏପରି ଜୋତା ଆଡକୁ ମୁହାଁଇଛନ୍ତି ଯାହା ଆରାମଦାୟକ ଏବଂ କାର୍ଯ୍ୟଦକ୍ଷତା ଉଭୟ ପ୍ରଦାନ କରେ ଏବଂ ଏହିଠାରେ ବୈଷୟିକ ବସ୍ତ୍ର ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରେ । ସ୍ଥାୟୀତ୍ୱ ମଧ୍ୟ ଏକ ନିର୍ଣ୍ଣାୟକ କାରଣ ହୋଇପଡୁଛି । ପୁନଃଚକ୍ରିତ ପି.ଇ.ଟି. ଏବଂ ଜୈବ-ବିକେନ୍ଦ୍ରୀକରଣ ଫାଇବର ଭଳି ସାମଗ୍ରୀ ଧୀରେ ଧୀରେ ମୁଖ୍ୟଧାରାର ଉତ୍ପାଦନରେ ପ୍ରବେଶ କରୁଛନ୍ତି । ଭାରତ ପାଇଁ ଏହା କେବଳ ଏକ ପରିବେଶଗତ ଜରୁରୀ ଆବଶ୍ୟକତା ନୁହେଁ ବରଂ ବିଶ୍ୱ ବଜାରରେ ସ୍ଥାୟୀ ସାମଗ୍ରୀର ଯୋଗାଣକାରୀ ଭାବରେ ନିଜକୁ ସ୍ଥାନିତ କରିବାର ଏକ ରଣନୈତିକ ସୁଯୋଗ ମଧ୍ୟ । ସମାନ ଭାବରେ ପରିବର୍ତନକାରୀ ହେଉଛି ସ୍ୱଚ୍ଛ ଉତ୍ପାଦନ ଆଡକୁ ପଦକ୍ଷେପ । ୩ଡି ବୁଣା ଏବଂ ଉନ୍ନତ ନିର୍ମାଣ ଭଳି ପ୍ରଯୁକ୍ତିବିଦ୍ୟା ଅପଚୟ ମାତ୍ରା ହ୍ରାସ କରୁଛି, ଦକ୍ଷତା ଉନ୍ନତ କରୁଛି ଏବଂ ଦ୍ରୁତ ଉତ୍ପାଦନ ଚକ୍ରକୁ ସକ୍ଷମ କରୁଛି । ଏହା ନିର୍ମାତାମାନଙ୍କୁ ସ୍ଥିରତା ଏବଂ ଗୁଣବତା ବଜାୟ ରଖି ବିକଶିତ ଚାହିଦା ପ୍ରତି ଅଧିକ ପ୍ରଭାବଶାଳୀ ଭାବରେ ପ୍ରତିକ୍ରିୟା ଦେବାକୁ ଅନୁମତି ଦିଏ । ଏହି ପରିବର୍ତନକୁ ଆହୁରି ମଜବୁତ କରୁଥିବା ବିଷୟ



ଶ୍ରୀ ଗିରିରାଜ ସିଂହ

ହେଉଛି ଭାରତର ଉପଲବ୍ଧ ଇକୋସିଷ୍ଟମର ପରିମାଣ । ଚମଡ଼ା ଜୋତା ଶିଳ୍ପ ପୂର୍ବରୁ ପ୍ରାୟ ୫୦ ପ୍ରତିଶତ ମହିଳା ଅଂଶଗ୍ରହଣ ସହିତ ୨ ନିୟୁତରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେଇଛି ଏବଂ ଏହାକୁ ଅନ୍ତର୍ଭୁକ୍ତିମୂଳକ ନିଯୁକ୍ତିର ଏକ ପ୍ରମୁଖ ଉତ୍ସ କରିଥାଏ । ପ୍ରାୟ ୨.୯ ବିଲିୟନ ଯୋଡ଼ାର ବାର୍ଷିକ ଉତ୍ପାଦନ ସହିତ ଭାରତରେ ପ୍ରତି ଶ୍ରମିକ ପ୍ରତି ଦିନ ପ୍ରାୟ ୪ ରୁ ୫ ଯୋଡ଼ା ଉତ୍ପାଦନ କରନ୍ତି । ତୁଳନାରେ ବିଶ୍ୱ ଉତ୍ପାଦନ କାର୍ଯ୍ୟକ୍ଷମତାର ଢେର୍ ଉଚ୍ଚ ସ୍ତରକୁ ପ୍ରତିଫଳିତ କରେ ଯାହା ଶ୍ରମିକମାନେ ପ୍ରତିଦିନ ପ୍ରାୟ ୧୭ ରୁ ୨୦ ଯୋଡ଼ା ଉତ୍ପାଦନ କରନ୍ତି । ଆଗ୍ରା, କାନପୁର, ଚେନ୍ନାଇ, ରାଣୀପେଟ, ଅମ୍ବୁର ଏବଂ କୋଲକାତାରେ ପ୍ରତିଷ୍ଠିତ କ୍ଲଷ୍ଟରଗୁଡ଼ିକ କେବଳ ଉତ୍ପାଦନ କେନ୍ଦ୍ର ନୁହେଁ ବରଂ ସେହି ଭିତିଭୂମି ଯାହା ଉପରେ ଭାରତ ପାଦୁକାରେ ଦକ୍ଷତା ପ୍ରତିଯୋଗିତା ଏବଂ ବିଶ୍ୱ ନେତୃତ୍ୱକୁ ମାପିପାରିବ । ପ୍ରଯୁକ୍ତିସମୃଦ୍ଧ ଟେକ୍ସଟାଇଲ୍ ଆଡକୁ ପରିବର୍ତନ ଏକ ନୂତନ ଶିଳ୍ପ ନିର୍ମାଣ କରିବା ବିଷୟରେ ନୁହେଁ ବରଂ ଏକ କାର୍ଯ୍ୟରତ ଶିଳ୍ପର ପୂର୍ଣ୍ଣ ସମ୍ଭାବନାକୁ ଅନଲକ୍ କରିବାର ହିଁ ସୂଚନା ପ୍ରଦାନ କରେ । ଆଗ୍ରା ଗସ୍ତ ଏବଂ ଦିଲ୍ଲୀରେ ଆଲୋଚନା ଏକ ସରଳ କିନ୍ତୁ ଶକ୍ତିଶାଳୀ ଅନ୍ତର୍ଦୃଷ୍ଟି ଆଣିଥିଲା ଯାହା ପାଦୁକାରେ ଟେକ୍ନିକାଲ୍ ଟେକ୍ସଟାଇଲ୍ ଏକ ଉଦୀୟମାନ ଧାରଣା ନୁହେଁ । ସେମାନେ ପୂର୍ବରୁ ଶିଳ୍ପରେ ନିରବରେ ଉତ୍ପାଦ ଏବଂ ପ୍ରକ୍ରିୟାଗୁଡ଼ିକୁ ଆକାର ଦେବାରେ ସନ୍ନିବେଶିତ । ଆଗକୁ କାର୍ଯ୍ୟ ହେଉଛି ଏହି ସମନ୍ୱୟକୁ ଚିହ୍ନିବା, ସଂଗଠିତ କରିବା ଏବଂ ସ୍କେଲ୍ କରିବା । ଟେକ୍ନିକାଲ୍ ଟେକ୍ସଟାଇଲ୍ ଇକୋସିଷ୍ଟମ୍ ମଧ୍ୟରେ ପାଦୁକା କ୍ଷେତ୍ରକୁ ଅଧିକ ସ୍ୱଷ୍ଟ ଭାବରେ ଆଣିବା ଦ୍ୱାରା ନବସୃଜନ ହୋଇପାରିବ, ରପ୍ତାନି ବିସ୍ତାର ହୋଇପାରିବ ଏବଂ ଉଚ୍ଚମାନର ନିଯୁକ୍ତି ସୃଷ୍ଟି ହୋଇପାରିବ । ଏହା ଭାରତର ଉତ୍ପାଦନ କ୍ଷମତାକୁ ବିଶ୍ୱ ଚାହିଦା ଧାରା ସହିତ ସମାନ କରିପାରିବ, ବିଶେଷକରି ଅଣ-ଚମଡ଼ା ଏବଂ କାର୍ଯ୍ୟଦକ୍ଷତା ଆଧାରିତ କ୍ଷେତ୍ରଗୁଡ଼ିକରେ । ଭାରତର ବିଶ୍ୱସ୍ତରୀୟ ଉତ୍ପାଦନ ନେତୃତ୍ୱ ନେବାର ଯାତ୍ରା ସେତିକିବେଳେ ସଫଳ ହେବ, ଯେତେବେଳେ ଆମେ ପାରମ୍ପରିକ ଶିଳ୍ପ ସହିତ ଅତ୍ୟାଧୁନିକ ସାମଗ୍ରୀ ଏବଂ ଆଧୁନିକ ଡିଜାଇନର ସମନ୍ୱୟକୁ ପ୍ରଭାବଶାଳୀ ଭାବରେ ବ୍ୟବହାର କରିପାରିବା । ଜୋତା ଶିଳ୍ପ ହେଉଛି ଏହି ସମନ୍ୱୟର ଏକ ପ୍ରକୃଷ୍ଟ ଉଦାହରଣ । ଏହି ସୁଯୋଗକୁ ଏକ ବିଶ୍ୱସ୍ତରୀୟ ସଫଳତାର କାହାଣୀରେ ପରିଣତ କରିବା ପାଇଁ 'ଟେକ୍ନିକାଲ୍ ଟେକ୍ସଟାଇଲ୍' ସେହି ସୂତା ସଦୃଶ କାର୍ଯ୍ୟ କରିବ, ଯାହା ଏହି ଶିଳ୍ପକୁ ନୂତନ ଉଚ୍ଚତାରେ ପହଂଚାଇବ ।

***(ଲେଖକ କେନ୍ଦ୍ର ସରକାରରେ ବୟନ ମନ୍ତ୍ରୀ । ଏହି ପ୍ରବନ୍ଧରେ ପ୍ରତିଫଳିତ ମତାମତ ବ୍ୟକ୍ତିଗତ)***

# ଭାରତର ଅପରେସନ୍ ସିନ୍ଦୂର: ରଣନୈତିକ ବିଜୟର ଏକ ବର୍ଷ ପୂର୍ତି

ବର୍ଷକ ପୂର୍ବେ, ୨୦୨୫ ମସିହା ମେ ୭ ତାରିଖରେ, ଭାରତ 'ଅପରେସନ୍ ସିନ୍ଦୂର' ଆରମ୍ଭ କରି ନିଜର ଘୋଷିତ ନୀତିକୁ ଏକ ନିର୍ଣ୍ଣାୟକ ପଦକ୍ଷେପରେ ପରିଣତ କରିଥିଲା । ଏହା କେବଳ ଏକ ସାମରିକ କାର୍ଯ୍ୟାନୁଷ୍ଠାନ ନଥିଲା, ବରଂ ଦଶନ୍ଧି ଦଶନ୍ଧି ଧରି ପାକିସ୍ତାନ ପ୍ରଯୋଜିତ ଆତଙ୍କବାଦ ବିରୁଦ୍ଧରେ ଭାରତର ପରିବର୍ତିତ ଆଭିମୁଖ୍ୟ ଓ ଦୃଢ଼ ସଂକଳ୍ପର ଏକ ପ୍ରତିଫଳନ ଥିଲା । ପୂର୍ବରୁ ଭାରତ କେବଳ ବିବୃତି ମାଧ୍ୟମରେ ନିଜର ଆପତି ପ୍ରକାଶ କରୁଥିବାବେଳେ, ଏହି ଅପରେସନ୍ ଜରିଆରେ ନିଜର ପ୍ରକୃତ ଶକ୍ତିର ପ୍ରଦର୍ଶନ କରିଥିଲା । ପାକିସ୍ତାନ ଦ୍ୱାରା ଅଣ-ରାଷ୍ଟ୍ରୀୟ ଶକ୍ତିମାନଙ୍କୁ ବ୍ୟବହାର କରି କରାଯାଉଥିବା ପ୍ରକ୍ସି ୱାର୍ ବା ପ୍ରତିନିଧି ହିଂସାକୁ ରୋକିବା ଦିଗରେ 'ଅପରେସନ୍ ସିନ୍ଦୂର' ଏବେ ଭାରତର ପ୍ରତିରକ୍ଷା ଇତିହାସରେ ଏକ ସ୍ମରଣୀୟ ମାଇଲଖୁଂଟ ହୋଇ ରହିଛି । ଏହି ଅପରେସନ୍ ପାଇଁ ରାଜନୈତିକ ଆଭିମୁଖ୍ୟ ସ୍ୱଷ୍ଟ ଏବଂ ବିନିର୍ଦ୍ଦିଷ୍ଟ ଥିଲା । ୨୨ ଏପ୍ରିଲ ୨୦୨୫ ଦିନ ରାତିରେ ପହଲଗାମରେ ପାକିସ୍ତାନ ତାଲିମପ୍ରାପ୍ତ ଆତଙ୍କବାଦୀଙ୍କ ଦ୍ୱାରା କରାଯାଇଥିବା ବର୍ବରୋଚିତ ଆତଙ୍କବାଦୀ ଆକ୍ରମଣ ପରେ, ଯେଉଁଥିରେ ୨୬ ଜଣ ନିରୀହ ନାଗରିକଙ୍କ ଜୀବନ ଯାଇଥିଲା, ଭାରତର ପ୍ରତିକ୍ରିୟା ପ୍ରତୀକାତ୍ମକ କିମ୍ବା ନିରୋଧିତ ନଥିଲା । ଏହା ପରିମାଣିକ, ସମୟଯୋବଦ୍ଧ ଏବଂ ଆଭିମୁଖ୍ୟ ବିନିର୍ଦ୍ଦିଷ୍ଟ ଥିଲା । ୮୮ ଘଂଟାରୁ ଅଧିକ ସମୟ ଧରି କାର୍ଯ୍ୟକାରୀ ହୋଇଥିବା ଏହି ଅଭିଯାନ ସ୍ୱଷ୍ଟ ଭାବରେ ପରିଭାଷିତ ଉଦ୍ଦେଶ୍ୟ ସହିତ ଏକ ସୁସଂଗଠିତ ଶାସ୍ତି ପ୍ରଦାନମୂଳକ ରଣନୀତିକୁ ପ୍ରତିଫଳିତ କରିଥିଲା ଏବଂ ଏହା ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିବା ପରେ ଭାରତର ନିୟମ ଅନୁଯାୟୀ ଯୁଦ୍ଧରେ ପରିସମାପ୍ତି ଘଟିଥିଲା । ରାଜନୈତିକ ଏବଂ ରଣନୈତିକ ଦୃଷ୍ଟିକୋଣରୁ, ଦୁଇଟି ବିଶେଷ କଥା ଉପରେ ଧ୍ୟାନ ଦେବା ଉଚିତ । ପ୍ରଥମତଃ, ଆକ୍ରମଣର ଭୌଗୋଳିକ ପରିସର ପୂର୍ବ ସ୍ଥିତିରୁ ଏକ ଗୁରୁତ୍ୱପୂର୍ଣ୍ଣ ବିଚ୍ୟୁତିକୁ ଚିହ୍ନିତ କରିଥିଲା । ଟାର୍ଗେଟଗୁଡ଼ିକ ନିୟନ୍ତ୍ରଣରେଖା ଆରପଟେ ଥିବା ପାକିସ୍ତାନ ଅଧିକୃତ ଜାମ୍ମୁ ଏବଂ କାଶ୍ମୀର (ପିଓଜେକେ) ପର୍ଯ୍ୟନ୍ତ ସୀମିତ ନଥିଲା । ଏହି କାର୍ଯ୍ୟାନୁଷ୍ଠାନ ପାକିସ୍ତାନର ପଞ୍ଜାବ ହାର୍ଟଲ୍ୟାଣ୍ଡ ପର୍ଯ୍ୟନ୍ତ ବିସ୍ତାର ହୋଇଥିଲା । ଏହା ଏକ ଗଣନା କରାଯାଇଥିବା ଭୌଗୋଳିକ ବ୍ୟାପ୍ତି ଏବଂ ପାକିସ୍ତାନର ଅନୁମାନିତ ପରମାଣୁ ସୀମା ପ୍ରତି ଏକ ସିଧାସଳଖ ଚ୍ୟାଲେଞ୍ଜକୁ ପ୍ରତିନିଧିତ୍ୱ କରିଥିଲା - ପ୍ରଭାବଶାଳୀ ଭାବରେ ପରୀକ୍ଷଣ କରିବା ଏବଂ ଯୁକ୍ତିସିଦ୍ଧ ଭାବରେ ଏହାର ପ୍ରତିରୋଧ ଭାବନାର ସୀମାକୁ ପ୍ରକାଶ କରିବା ଥିଲା ଏହାର ଲକ୍ଷ୍ୟ । ଦ୍ୱିତୀୟତଃ ଏହି ଅଭିଯାନ ସୂଚନା ଯୁଗରେ ଲଢ଼ାଯାଉଥିବା ସମସାମୟିକ ସଂଘର୍ଷରେ ପ୍ରଯୁକ୍ତିର କେନ୍ଦ୍ରୀୟତା ଉପରେ ଗୁରୁତ୍ୱାରୋପ କରିଥିଲା । କ୍ରୁଜ୍ କ୍ଷେପଣାସ୍ତ୍ର, ଚଳମାନ ଯୁଦ୍ଧାସ୍ତ୍ର, ନେଟୱାର୍କ-କେନ୍ଦ୍ରିକ ସିଷ୍ଟମ ଏବଂ ସ୍ତରୀଭୂତ ବାୟୁ ଏବଂ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀର ମୁତୟନ ନିଯୁକ୍ତି ସଠିକତା, ଗତି ଏବଂ ସମନ୍ୱିତ ଯୁଦ୍ଧକ୍ଷେତ୍ର ସଚେତନତା ଦିଗରେ ଏକ ନିର୍ଣ୍ଣାୟକ ପରିବର୍ତନକୁ ଦର୍ଶାଉଥିଲା । ଅପରେସନ୍ ସିନ୍ଦୂର କେବଳ ଶତ୍ରୁପକ୍ଷକୁ ଉପଯୁକ୍ତ ଶାସ୍ତି ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ ନଥିଲା; ଏହା ଏକ ପ୍ରଦର୍ଶନ ଥିଲା ଯେ ଭାରତ କିପରି ଷ୍ଟାଣ୍ଡ-ଅଫ୍ କ୍ଷମତା, କେନ୍ଦ୍ରୀଭୂତ ନିଷ୍ପତି ଚକ୍ର ଏବଂ ବହୁ-ପକ୍ଷୀୟ ସମନ୍ୱୟ ଦ୍ୱାରା ପରିଭାଷିତ ଏକ ଯୁଗରେ ସଂଘର୍ଷକୁ ମୁକାବିଲା ଏବଂ ପ୍ରତିହତ କରିବାକୁ ସକ୍ଷମ ହୋଇପାରୁଛି । ୦୭ ମଇ ୨୦୨୫ରେ ଆରମ୍ଭ ହୋଇଥିବା, ଏହି ଅଭିଯାନ ପାକିସ୍ତାନ ଭିତରେ ବ୍ୟାପକ ଆତଙ୍କବାଦୀ ଭିତିଭୂମି ବିରୁଦ୍ଧରେ ଏକ ଉଚ୍ଚ-ଅସ୍ଥାୟୀ, ସଠିକତା ଅଭିଯାନ ଭାବରେ ପରିପ୍ରକାଶ ଘଟିଥିଲା । ଏହା ସମନ୍ୱିତ ସାମରିକ କ୍ଷମତାର ଏକ ନିୟନ୍ତ୍ରିତ ଅଥଚ ଶକ୍ତିଶାଳୀ ପ୍ରଦର୍ଶନ ଥିଲା, ଯାହାର ବୃଦ୍ଧିକୁ ସୀମିତ କରିବା ସହିତ ଶତ୍ରୁପକ୍ଷର ବ୍ୟାପକ କ୍ଷତି ଘଟାଇବା ଉଦ୍ଦେଶ୍ୟରେ ଡିଜାଇନ୍ କରାଯାଇଥିଲା । ଗୋଟିଏ ବର୍ଷ ପରେ, ଏହା ଭାରତର ବର୍ଦ୍ଧିତ ରଣନୈତିକ ପରିପକ୍ୱତାର ପ୍ରମାଣ ଭାବରେ ଉଭା ହୋଇଛି: ଦୃଢ଼ କ୍ଷମତା, ଅଟଳ ଆଭିମୁଖ୍ୟ ଏବଂ ଉଦ୍ଦେଶ୍ୟକୁ ସ୍ୱଷ୍ଟ ଭାବରେ ପ୍ରଦର୍ଶନ କରିବା ସହିତ ସାମରିକ କ୍ଷମତା ବୃଦ୍ଧିକୁ ପରିଚାଳନା କରିବା ସମୟରେ ଏକ ପରମାଣୁ ସଶସ୍ତ୍ର ପ୍ରତିପକ୍ଷକୁ ତା'ର କୃତକର୍ମ ନିମନ୍ତେ ସମ୍ପୂର୍ଣ୍ଣ ରୂପେ ଦାୟୀ କରିବା । ଦୀର୍ଘ ଏବଂ ଅନିଶ୍ଚିତ କାର୍ଯ୍ୟ ଆଡକୁ ଗତି କରୁଥିବା ଏକ ସମସାମୟିକ ସଂଘର୍ଷର ବିପରୀତ, ଅପରେସନ ସିନ୍ଦୂର ତା'ର ସ୍ୱଷ୍ଟ ଏବଂ ବିନିର୍ଦ୍ଦିଷ୍ଟ କାର୍ଯ୍ୟାନ୍ୱୟନ ଦ୍ୱାରା ଚିହ୍ନିତ ହୋଇଥିଲା । ଏଥିରେ ରାଜନୈତିକ ଆଭିମୁଖ୍ୟ ସଠିକ୍ ଭାବରେ ପରିଭାଷିତ ହୋଇଥିଲା - ଆତଙ୍କବାଦର ଭିତିଭୂମି ଏବଂ ଏହାର ସମର୍ଥକମାନଙ୍କ ଉପରେ ଉଚିତ ତଥା ବାସ୍ତବ ମୂଲ୍ୟ ଲାଗୁ କରିବା ଏବଂ ଥରେ ଏହି ସଫଳତା ହାସଲ ହେବା ପରେ, ଏହାକୁ ବନ୍ଦ ରଖାଯାଇଥିଲା । ଲକ୍ଷ୍ୟ ଚୟନ, ସଂଯମ ଏବଂ ସଂକଳ୍ପକୁ କିପରି ସନ୍ତୁଳିତ ଭାବରେ ଉପଯୋଗ କରାଯାଇପାରେ ତାହାକୁ ଏହି ଅପରେସନ୍ ପ୍ରତିଫଳିତ କରିଥିଲା । ଲସ୍କର-ଏ-ତୟିବା, ଜୈଶ-ଏ-ମହମ୍ମଦ ଏବଂ ହିଜବୁଲ ମୁଜାହିଦ୍ଦିନ ଭଳି ଆତଙ୍କବାଦୀ ଗୋଷ୍ଠୀଙ୍କ ସହିତ ଜଡିତ ଉଚ୍ଚ ମୂଲ୍ୟର ନୋଡଗୁଡ଼ିକ ଉପରେ ଏଥିରେ ପ୍ରାଥମିକତା ଦିଆଯାଇଥିଲା, ବାହ୍ୟ କ୍ଷୟକ୍ଷତିକୁ କମ କରିବା ଏବଂ ସାଧାରଣ ନାଗରିକଙ୍କ ପ୍ରତି କ୍ଷତିକୁ ଏଡାଇବା ସହିତ କାର୍ଯ୍ୟକ୍ଷମ କ୍ଷମତାକୁ ହ୍ରାସ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । କାର୍ଯ୍ୟାନୁଷ୍ଠାନ ଦୃଷ୍ଟିରୁ, ଏହି ଅଭିଯାନ ସ୍ଥିର ତଥା ଲକ୍ଷ୍ୟ ବିନିର୍ଦ୍ଦିଷ୍ଟ ଯୁଦ୍ଧର ଏକ ପରିପକ୍ୱ ସିଦ୍ଧାନ୍ତ ଭାବରେ ପ୍ରଦର୍ଶନ କରିଥିଲା । ବ୍ରହ୍ମୋସ୍ ସିଷ୍ଟମ ସହିତ ସମନ୍ୱିତ ସୁଖୋଇ ସୁ-୩୦ଏମକେଆଇ ସହିତ ଦୀର୍ଘ ଦୂରଗାମୀ କ୍ରୁଜ୍ କ୍ଷେପଣାସ୍ତ୍ର ଏବଂ ଲକ୍ଷ୍ୟ-ନିର୍ଦ୍ଦେଶିତ ଯୁଦ୍ଧାସ୍ତ୍ର ବ୍ୟବହାର କରୁଥିବା ରାଫେଲ୍ ଭଳି ମଂଚଗୁଡ଼ିକ ଏକ ବିସ୍ତାରିତ ଯୁଦ୍ଧକ୍ଷେତ୍ରରେ ଗଭୀର, ସମନ୍ୱିତ ଆକ୍ରମଣକୁ ସକ୍ଷମ କରିଥିଲେ । ପାକିସ୍ତାନ-ଅଧିକୃତ ଜାମ୍ମୁ ଏବଂ କାଶ୍ମୀର (ପିଓଜେକେ)ର ପାରମ୍ପରିକ ସୀମା ବାହାରକୁ ପାକିସ୍ତାନର ସୁଦୂର ପଞ୍ଜାବର ମଧ୍ୟଭାଗରେ ଏହି ଅପରେସନର ବିସ୍ତାରଣ ଏକ ଉଦ୍ଦିଷ୍ଟ ପରିବର୍ତନକୁ ସୂଚିତ କରିଥିଲା: ଆତ୍ମ-ନିୟନ୍ତ୍ରଣ କ୍ଷମ ପ୍ରତିବନ୍ଧକଗୁଡ଼ିକୁ ହଟାଇବା ଏବଂ ଅନୁମାନିତ ଆତଙ୍କବାଦୀଙ୍କ ନିମନ୍ତେ ନିରାପଦ ଆଶ୍ରୟସ୍ଥଳୀଗୁଡ଼ିକୁ ଧ୍ୱଂସ କରିବା ଥିଲା ଏହାର ଅଭିପ୍ରେତ ଆଭିମୁଖ୍ୟ । ଅପରେସନ ସିନ୍ଦୂର ଅଭିଯାନକୁ ଆଧାର ପ୍ରଦାନ କରୁଥିବା ପ୍ରତିରକ୍ଷା ସ୍ଥାପତ୍ୟଗୁଡ଼ିକ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ଥିଲା । ବାୟୁସେନା ଏବଂ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ ସମନ୍ୱିତ ଉପଯୋଗ ଏହା ନିଶ୍ଚିତ କରିଥିଲା ଯେ ଡ୍ରୋନ୍ କିମ୍ବା କ୍ଷେପଣାସ୍ତ୍ର ମାଧ୍ୟମରେ ପ୍ରତିଶୋଧମୂଳକ ପ୍ରୟାସକୁ ଅଧିକ ପ୍ରଭାବଶାଳୀ ଏବଂ ଲକ୍ଷ୍ୟ ବିନିର୍ଦ୍ଦିଷ୍ଟ କରାଯାଇଥିଲା । ବିଶ୍ୱସନୀୟ ପ୍ରତିରକ୍ଷା ସ୍ଥିରତା ସହିତ ଆକ୍ରମଣାତ୍ମକ ପହଂଚର ଏହି ମିଶ୍ରଣ ଆଧୁନିକ ଯୁଦ୍ଧରେ ନେଟୱାର୍କ-କେନ୍ଦ୍ରିକ ଯୁଦ୍ଧ ଏବଂ ସ୍ତରୀକୃତ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱାରୋପ କରିଥିଲା । ଏକ ସିଦ୍ଧାନ୍ତିକ ସ୍ତରରେ, ଅପରେସନ୍ ସିନ୍ଦୂର ଏକକାଳୀନ ତିନୋଟି ଗୁରୁତ୍ୱପୂର୍ଣ୍ଣ ସୀମା ଅତିକ୍ରମ କରିଥିଲା: ଦାୟିତ୍ୱପୂର୍ଣ୍ଣ ଟାର୍ଗେଟିଂ, ସୁଚିନ୍ତିତ ଶକ୍ତି ପ୍ରୟୋଗ, ଏବଂ ଶାସ୍ତିପ୍ରଦାନକାରୀ ଲକ୍ଷ୍ୟଭେଦ । ଏହା ଦର୍ଶାଇଥିଲା ଯେ ସ୍ୱଷ୍ଟ ରାଜନୈତିକ ଆଭିମୁଖ୍ୟ, ସଠିକ ସାମରିକ ଉଦ୍ଦେଶ୍ୟ ଏବଂ ପ୍ରତିରୋଧକ ଭାବରେ ଉଚ୍ଚମାନର ସାମରିକ କ୍ଷମତା ଦ୍ୱାରା ନିର୍ଦ୍ଦେଶିତ ଶାସ୍ତିବିଧାନକ୍ଷମ କାର୍ଯ୍ୟାନୁଷ୍ଠାନ ଅନିୟନ୍ତ୍ରିତ ଭାବରେ ବୃଦ୍ଧି ପାଇବା ଆବଶ୍ୟକ ନୁହେଁ । ଭାରତ ଯୁଦ୍ଧକ୍ଷେତ୍ରକୁ ଭୂଲମ୍ବ ଭାବରେ ନୁହେଁ ବରଂ ଭୂପୃଷ୍ଠ ଭାବରେ ବିସ୍ତାର କରିଥିଲା, ପୂର୍ଣ୍ଣକାଳୀନ ଯୁଦ୍ଧକୁ ଏଡ଼ାଇ ଦେଇଥିଲା ଏବଂ କ୍ଷୟକ୍ଷତି ବିନିର୍ଦ୍ଦିଷ୍ଟ ରଣନୀତି ଲାଗୁ କରିଥିଲା । ଅନ୍ୟ ଏକ ପରିଭାଷିତ ବୈଶିଷ୍ଟ୍ୟ ଥିଲା ସମନ୍ୱୟତା ଏବଂ ପଦ୍ଧତିଗତ ସମନ୍ୱୟର ମାତ୍ରା । ପ୍ରତିରକ୍ଷା ମୁଖ୍ୟ ପଦବୀ ସୃଷ୍ଟି ହେବା ପରେ ଉଚ୍ଚ ପ୍ରତିରକ୍ଷା ପରିଚାଳନାର ବିବର୍ତନ ସମନ୍ୱିତ ତ୍ରି-ସେବା କାର୍ଯ୍ୟାନ୍ୱୟନରେ ପ୍ରତିଫଳିତ ହୋଇଥିଲା । ନୌ ସାମର୍ଥ୍ୟ, ଆକାଶ ବାହିନୀର ଦକ୍ଷତା ଏବଂ ସ୍ଥଳ-ଆଧାରିତ ଟାର୍ଗେଟିଂ ପରସ୍ପରଠାରୁ ବିଚ୍ଛିନ୍ନ ପ୍ରୟାସ ନଥିଲା ବରଂ ଏକ ଏକୀକୃତ କାର୍ଯ୍ୟକ୍ଷମ ଡିଜାଇନର ଉପାଦାନ ଥିଲା । ଏହାକୁ ସ୍ୱଦେଶୀ କ୍ଷମତାରେ ଅଗ୍ରଗତି ଦ୍ୱାରା ଆହୁରି ଦୃଢ଼ କରାଯାଇଥିଲା, ଯାହାକୁ ପ୍ରାୟତଃ ପ୍ରତିରକ୍ଷାରେ ଆତ୍ମନିର୍ଭରତା ବୋଲି କୁହାଯାଇପାରେ । ଘରୋଇ ପ୍ଲାଟଫର୍ମ, ସଠିକ୍ ପ୍ରଣାଳୀ, କାଉ[ର-ୟୁ.ଏ.ଏସ. ପ୍ରଯୁକ୍ତିବିଦ୍ୟା ଏବଂ ଆଇ.ଏସ.ଆର. ସମର୍ଥନର ବର୍ଦ୍ଧିତ ଭୂମିକା ଅଧିକ ଆତ୍ମନିର୍ଭରତା ଆଡ଼କୁ ଧୀରେ ଧୀରେ କିନ୍ତୁ ସ୍ୱଷ୍ଟ ପରିବର୍ତନର ଲକ୍ଷ୍ୟକୁ ସ୍ୱଷ୍ଟ କରିଥିଲା । ଏହିପରି ଅପରେସନ୍ ସିନ୍ଦୂର କେବଳ ସାମରିକ ଉଦ୍ଦେଶ୍ୟର ପ୍ରଦର୍ଶନ କରି ନଥିଲା, ବରଂ ଶିଳ୍ପ ଏବଂ ପ୍ରଯୁକ୍ତିବିଦ୍ୟା ଗଭୀରତା ମଧ୍ୟ ଏଥିରେ ନିହିତ ଥିଲା । ପ୍ରତିରକ୍ଷା ପ୍ରସ୍ତୁତି ଏବେ ଶିଳ୍ପ କ୍ଷମତାଠାରୁ ଅବିଚ୍ଛେଦ୍ୟ । କୂଟନୈତିକ ଦୃଷ୍ଟିରୁ, ଏହି ଅଭିଯାନକୁ ସକ୍ରିୟ ବର୍ଣ୍ଣନାତ୍ମକ ପରିଚାଳନା ସହିତ ସମନ୍ୱିତ କରାଯାଇଥିଲା । ଆତଙ୍କବାଦ ବିରୋଧୀ ଏବଂ ଆତ୍ମରକ୍ଷା ସୀମା ମଧ୍ୟରେ ଏହାର କାର୍ଯ୍ୟଗୁଡ଼ିକୁ ପ୍ରସ୍ତୁତ କରି, ଅପରେସନ ସିନ୍ଦୁର ପାଇଁ ଯୁଦ୍ଧ କରିବାର ଅଧିକାର ('ଯସ୍ ଆଡ୍ ବେଲମ୍') ଦୃଢ଼ ଭାବରେ ପ୍ରତିଷ୍ଠିତ ହୋଇଥିଲା । ରଣନୈତିକ କାର୍ଯ୍ୟାନୁଷ୍ଠାନରେ କୂଟନୈତିକ ବାର୍ତା ସହିତ ସାମରିକ କାର୍ଯ୍ୟର ସମନ୍ୱୟ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରମାଣିତ ହୋଇଥିଲା । ପରିଶେଷରେ, ଅପରେସନ ସିନ୍ଦୁରର ଭିନ୍ନ



ମେଜର ଜେନେରାଲ୍ ରବି ମୁରୁଗାନ୍ (ଅବସରପ୍ରାପ୍ତ)

ବୈଶିଷ୍ଟ୍ୟ ଥିଲା ପ୍ରସ୍ଥାନ । ଏହାର ଉଦ୍ଦେଶ୍ୟ ହାସଲ କରିବା ପରେ, ଭାରତ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଉଦ୍ଦିଷ୍ଟ କାର୍ଯ୍ୟାବଳୀ ସମାପ୍ତ କରିଥିଲା ଏବଂ ଅନେକ ସମସାମୟିକ ଦ୍ୱନ୍ଦ୍ୱକୁ ବର୍ଣ୍ଣିତ କରୁଥିବା ରଣନୈତିକ ପ୍ରବାହକୁ ଏଡ଼ାଇ ଦେଇଥିଲା । ଆରମ୍ଭ, କାର୍ଯ୍ୟାନ୍ୱୟନ ଏବଂ ପ୍ରସ୍ଥାନରେ ସ୍ୱଷ୍ଟତା ଏବଂ ସଠିକତା ଏହି କାର୍ଯ୍ୟର ନିର୍ଣ୍ଣାୟକ ଗୁଣବତାକୁ ପ୍ରମାଣିତ କରିଥିଲା । ଏହି କାର୍ଯ୍ୟାନୁଷ୍ଠାନର ଏକ ବର୍ଷ ପରେ, ଅପରେସନ ସିନ୍ଦୁରର ଐତିହ୍ୟ କ୍ଷତି ଦୃଷ୍ଟିରୁ କମ୍ ଏବଂ ଏହା ସ୍ଥାପନ କରିଥିବା ପୂର୍ବାନୁମାନରେ ଅଧିକ ମହତ୍ୱ ରଖେ: ଆକଳନ ବିନିର୍ଦ୍ଦିଷ୍ଟ, ଟେକ୍ନୋଲୋଜି-ସକ୍ଷମ ଏବଂ ରାଜନୈତିକ ଭାବରେ ନିର୍ଦ୍ଦେଶିତ ସାମରିକ କାର୍ଯ୍ୟ ମୂଲ୍ୟ ହାସଲ କରିପାରିବ, ପ୍ରତିରୋଧକୁ ପୁନଃଆକାର ପ୍ରଦାନ କରିପାରିବ ଏବଂ ସର୍ବୋପରି ଏହା ସୀମିତ ରହିପାରିବ । ଏହା ପରମାଣୁ ଛାୟା ଅଧୀନରେ ସୀମିତ ଯୁଦ୍ଧ ପାଇଁ ଏକ ଉଦୀୟମାନ ଭାରତୀୟ ନମୁନାକୁ ପ୍ରତିଫଳିତ କରେ - ଉଦ୍ଦେଶ୍ୟରେ ଦୃଢ଼, କାର୍ଯ୍ୟାନ୍ୱୟନରେ ବିନିର୍ଦ୍ଦିଷ୍ଟ ଏବଂ ସଂଯମ ତଥା ଶୃଙ୍ଖଳିତ ।

***(ଲେଖକ ହେଉଛନ୍ତି ମେଜର ଜେନେରାଲ୍ ରବି ମୁରୁଗାନ, ପରମ ବିଶେଷ ସେବା ପଦକ, ଅତି ବିଶେଷ ସେବା ପଦକ, ଅତି ବିଶେଷ ସେବା ପଦକପ୍ରାପ୍ତ । ଯିଏ କି ଜୁନ୍ ୨୦୨୪ରେ ଭାରତୀୟ ସେନାରୁ ଅବସର ଗ୍ରହଣ କରିଛନ୍ତି । ସେ ୱାଶିଂଟନ ଡିସି ସ୍ଥିତ ଭାରତୀୟ ଦୂତାବାସରେ ପ୍ରତିରକ୍ଷା ଏବଂ ସାମରିକ ଆଟାଚେ ଭାବରେ କାର୍ଯ୍ୟ କରିବା ସହ ଜାମ୍ମୁ ଓ କାଶ୍ମୀରରେ ଏକ କାଉଂଟର ଇନସର୍ଜେନ୍ସି ଫୋର୍ସର କମାଣ୍ଡ ଦାୟିତ୍ୱ ତୁଲାଇଥିଲେ । ସେ ଭାରତୀୟ ସେନାର ଅତିରିକ୍ତ ମହାନିର୍ଦ୍ଦେଶକ (ସାମରିକ କାର୍ଯ୍ୟାନୁଷ୍ଠାନ) ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ, ଯେଉଁଠାରେ ସେ ସେନାର ଦକ୍ଷତା ବୃଦ୍ଧି ପାଇଁ ଦାୟିତ୍ୱବାନ ଥିଲେ ।)***

# ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ କଟକ ଜିଲ୍ଲାପାଳଙ୍କୁ ଦାବିପତ୍ର

କଟକ(ନିପ୍ର): ଓଡ଼ିଶା ଜନତା କଂଗ୍ରେସ ପାର୍ଟିର କର୍ମକର୍ତାଗଣ, ରାଜ୍ୟରେ ଓମଫେଡ୍ କ୍ଷୀର ଦରରେ କରାଯାଇଥିବା ଅହେତୁକ ବୃଦ୍ଧିକୁ ତୀବ୍ର ନିନ୍ଦା କରି କଟକ ଜିଲ୍ଲାପାଳଙ୍କ ନିକଟରେ ସାଧାରଣ ଲୋକଙ୍କ ପାଇଁ ଏକ ଦବୀପତ୍ର ପ୍ରଦାନ କରିଛନ୍ତି । ଓମଫେଡ୍ କର୍ତୃପକ୍ଷ ଟୋଣ୍ଡ୍, ପ୍ରିମିୟମ୍, ଗୋଲ୍ଡ ଏବଂ ଗୋଲ୍ଡ ପ୍ଲସ୍ ଆଦି ବିଭିନ୍ନ ପ୍ରକାର କ୍ଷୀରର ମୂଲ୍ୟରେ ବୃଦ୍ଧି କରିଛନ୍ତି । ଦେଶରେ ଦରଦାମ ବୃଦ୍ଧି ହେତୁ ସାଧାରଣ ଜନତା ପୂର୍ବରୁ ଅତିଷ୍ଠ ହୋଇପଡ଼ିଥିବା ବେଳେ, କ୍ଷୀର ଭଳି ଏକ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି କରିବା ସିଧାସଳଖ ସାଧାରଣ ଗ୍ରାହକଙ୍କ ମେରୁଦଣ୍ଡ ଭାଙ୍ଗି ଦେବ । ଏହା ଏକ ଜନବିରୋଧୀ ନିଷ୍ପତି ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି । ପ୍ରଶାସନିକ କାରଣ କିମ୍ବା ଉତ୍ପାଦନ ଖର୍ଚ୍ଚ ବୃଦ୍ଧିର ଆଳ ଦେଖାଇ ଖାଉଟିଙ୍କ ଉପରେ ଏଭଳି ଅତିରିକ୍ତ ଆର୍ଥିକ ବୋଝ ଲଦିବା କଦାପି ଗ୍ରହଣୀୟ ନୁହେଁ । ଜଣେ ସାଧାରଣ ମଣିଷ ପାଇଁ କ୍ଷୀର ଏକ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ, ଯାହାର ଦର ବୃଦ୍ଧି ଛୋଟ ପିଲାଙ୍କ ପୁଷ୍ଟିସାଧନ ଠାରୁ ଆରମ୍ଭ କରି ମଧ୍ୟବିତ ପରିବାରର ବଜେଟକୁ ସମ୍ପୂର୍ଣ୍ଣ ବିଗାଡ଼ି ଦେବ । ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ମାନ୍ୟବର ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି ଯେ ଓମଫେଡ୍ କ୍ଷୀର ଦରରେ କରାଯାଇଥିବା ଏହି ବୃଦ୍ଧିକୁ ତୁରନ୍ତ ପ୍ରତ୍ୟାହାର କରାଯାଉ । ପୂର୍ବ ନିର୍ଦ୍ଧାରିତ ପୁରୁଣା ଦରରେ କ୍ଷୀର ବିକ୍ରୟ ସୁନିଶ୍ଚିତ କରାଯାଉ । ଯଦି ଏହି ଦାବିକୁ ତୁରନ୍ତ କାର୍ଯ୍ୟକାରୀ କରା ନ ଯାଏ, ତେବେ ଓଡ଼ିଶା ଜନତା କଂଗ୍ରେସ ପାର୍ଟି ରାଜରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବ ବୋଲି ଦର୍ଶାଇଛନ୍ତି ।






# ଦଶମ ବୋର୍ଡ଼ ପରୀକ୍ଷାରେ କାଶୀପୁର ବ୍ଲକ୍ ଟପ୍ପର ହେଲେ ସୁନୟନା ଦାଶ

ରାୟଗଡ଼ା(ନି.ପ୍ର) ରାୟଗଡ଼ ଜିଲ୍ଲା କାଶୀପୁର ବ୍ଲକ ପାଇଁ



ଦଶମ ବୋର୍ଡ଼ ପରୀକ୍ଷାରେ ବ୍ଲକରେ ଶୀର୍ଷ ସ୍ଥାନରେ ରହି ଗର୍ବ ଆଣିଛନ୍ତି କାଶୀପୁର ର ଝିଅ ସୁନୟନା ଦାଶ । ସେ କାଶୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପାଠ ପଢୁଥିବା ବେଳେ ଚଳିତ ବର୍ଷ ଦଶମ ଶ୍ରେଣୀର ବୋର୍ଡ଼ ପରୀକ୍ଷାରେ ସମୁଦାୟ ୬୦୦ ମାର୍କ ରୁ ୫୨୮ ମାର୍କ ରଖି ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏହି ଅବସରରେ ସୁନୟନା ତାଙ୍କର ଏହି ଶ୍ରେଷ୍ଠ କୃତିତ୍ୱର ଶ୍ରେୟ ତାଙ୍କ ମାଆ , ବାପାଙ୍କୁ ଦେବା ସହ ଟ୍ୟୁସନ୍ ଶିକ୍ଷକ ନବ କିଶୋର ଚମ୍ପତିରାୟଙ୍କୁ ଦେଇଛନ୍ତି । ସେ କହିଛନ୍ତି ଯେ ତାଙ୍କର ଏହି ସଫଳତା ପଛରେ ତାଙ୍କର ଦୃଢ଼ ମନୋବଳ ସହ ଦିନକୁ ୧୨ ଘ[। ପରିଶ୍ରମ କରୁଥିବା ପ୍ରକାଶ କରିଛନ୍ତି । ସୁନୟନା ନିଜରଶାନ୍ତ ଓ ସରଳ ସ୍ୱଭାବ ପାଇଁ ବିଦ୍ୟାଳୟରେ ସର୍ବଦା ନିଜର ପରିଚୟ ସୃଷ୍ଟି କରିଥିବା ବେଳେ ତାଙ୍କର ଏହି କୃତିତ୍ୱ ପାଇଁ ତାଙ୍କର ବିଦ୍ୟାଳୟର ଗୁରୁମା ଗୁରୁଜୀ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏହା ସହ ଉପାନ୍ତ କାଶୀପୁର ଭଳି ବ୍ଲକରେ ୮୮ ପ୍ରତିଶତ ମାର୍କ ରଖି ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବାରୁ କାଶୀପୁର ବ୍ଲକର ବୁଦ୍ଧିଜୀବୀ ତଥା ଶିକ୍ଷାବିତ୍ ଙ୍କ ତରଫରୁ ଶୁଭେଚ୍ଛା ବାର୍ତା ର ଦୁଆ ଛୁଟୁଛି । ଏ ନେଇ ତାଙ୍କ ମାଆ ସୁନୀତା ଦାଶ କହିଛନ୍ତି ଯେ ତାଙ୍କ ଝିଅ ଭଲ ପାଠ ପଢ଼ି ଆଗକୁ ଆହୁରି ଉନ୍ନତି କରିବା ସହ ଭବିଷ୍ୟତରେ ସଫଳତା ଆଣି ବ୍ଲକ ତଥା ଜିଲ୍ଲାକୁ ଗୌରବାନ୍ୱିତ କରୁ ।ଏହା ସହ ସୁନୟନା ଭବିଷ୍ୟତରେ ପାଠ ପଢ଼ି ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି ।

# ନୂଆପଡ଼ାରେ ମାଟ୍ରିକ ପରୀକ୍ଷା କୃତୀ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା

ନୂଆପଡ଼ା,(ନି.ପ୍ର)ନୂଆପଡ଼ା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ନେସନାଲ ମହାବିଦ୍ୟାଳୟ ଠାରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ୨୦୨୬ ରେ ଏ-୧ ଓ ଏ-୨ ଗ୍ରେଡ୍ ?ରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି ।

ଜିଲ୍ଲାପାଳ ମଧୁସୁଦନ ଦାଶଙ୍କ ସଭାପତିତ୍ୟରେ ଆୟୋଜିତ ଏହି ସଭାରେ ନୂଆପଡ଼ା ମାନ୍ୟବର ବିଧାୟକ ଜୟ ଭାଇ ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଆରକ୍ଷୀ ଅଧିକ୍ଷକ ଆମ୍ରିତପାଲ ସିଂ, ଉପଜିଲ୍ଲାପାଳ ସୂର୍ମୀ ସୋରେନ, ବିଜ୍ଞାପିତ ଅଂଚଳ ପରିଷଦ ଖରିଆର ରୋଡର ଅଧକ୍ଷା ଡ଼ଃ ସୋନିଆ ଜୈନ, ନୂଆପଡ଼ା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ପ୍ରଶାନ୍ତ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଓ ଡ଼ଃ ରେଶମଲାଲ ନାଏକ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନୂଆପଡ଼ା ଶାଖାର ଜେନେରାଲ ମ୍ୟାନେଜର ଲିଙ୍କନ ଦାଶ ଏବଂ ମହାବିଦ୍ୟାଳୟର ଅଧକ୍ଷ ହିତେଶ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ ।ଆରକ୍ଷୀ ଅଧିକ୍ଷକ ଛାତ୍ରଛାତ୍ରୀଙ୍କୁ ସୋସିଆଲ



ମିଡିଆରୁ ଦୂରେଇ ରହି ଲକ୍ଷ୍ୟ ହାସଲ ପାଇଁ ପୁସ୍ତକ ପାଠନର ଗୁରୁତ୍ୱ ବିଷୟରେ ଉପଦେଶ ଦେଇଥିଲେ । ଉପଜିଲ୍ଲାପାଳ ପିଲାମାନଙ୍କୁ ବଡ଼ ସ୍ୱପ୍ନ ଦେଖି ସେଗୁଡିକୁ ପୂରଣ କରିବାକୁ ଆହ୍ୱାନ ଦେଇଥିଲେ । ବିଧାୟକ ଜୟ ଭାଇ ଢୋଲକିଆ ସଂଘର୍ଷମୟ ଜୀବନରେ ହାର ନମାନି ଆଗକୁ ବଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ । ସେ ଜିଲ୍ଲାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ୩୧ ହଜାର, ୨୧ ହଜାର ଓ ୧୧ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ ।ଜିଲ୍ଲାପାଳ ମଧୁସୁଦନ ଦାସ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ଜୀବନରେ ସରଳ ମଣିଷ ହେବା ସବୁଠୁ କଠିନ ବୋଲି କହିଥିଲେ ଏବଂ ନୂଆପଡ଼ା ଜିଲ୍ଲାକୁ ଶିକ୍ଷା କ୍ଷେତ୍ରରେ ଶୀର୍ଷସ୍ଥାନରେ ପହଂଚାଇବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।ଉଲ୍ଲେଖନୀୟ ଯେ, ନୂଆପଡ଼ା ଜିଲ୍ଲା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା–୨୦୨୬ ରେ ୯୭.୮୭ ପ୍ରତିଶତ ପାସ୍ ?ହାର ସହ ରାଜ୍ୟରେ ଷଷ୍ଠ ସ୍ଥାନ ଅଧିକାର କରିଛି । ଏଥିରେ ୧୩ ଜଣ ଏ-୧ ଓ ୨୨୬ ଜଣ ଏ-୨ ଗ୍ରେଡ୍ ? ପାଇ ସଫଳତାର ନୂତନ ରେକର୍ଡ ସୃଷ୍ଟି କରିଛନ୍ତି ।ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ଫଳକ, ଉପହାର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲା । ପ୍ରକାଶ ଥାଉକି, ନୂଆପଡ଼ା ଜିଲ୍ଲା ୨୦୨୪ ମାଟ୍ରିକ ପରୀକ୍ଷାରେ ୩୦ତମ ସ୍ଥାନରୁ ୨୦୨୫ ରେ ୧୪ତମ ସ୍ଥାନକୁ ଏବଂ ୨୦୨୬ ରେ ଷଷ୍ଠ ସ୍ଥାନକୁ ଉନ୍ନତ ହୋଇଛି । ଏହି ସଫଳତା ପଛରେ ଜିଲ୍ଲାପାଳଙ୍କ ମାର୍ଗଦର୍ଶନରେ ଚାଲିଥିବା "ସମ୍ଭାବନା କାର୍ଯ୍ୟକ୍ରମ" ର ମୁଖ୍ୟ ଭୂମିକା ରହିଛି ।ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ପ୍ରଶାନ୍ତ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ଧନ୍ୟବାଦ ଜ୍ଞାପନ କରିଥିଲେ । ଶିକ୍ଷକ ଗୋରାଙ୍ଗ ସାହୁ କାର୍ଯ୍ୟକ୍ରମର ମଂଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଓ ବ୍ଲକ୍ ? ସ୍ତରର ସମସ୍ତ ଅଧିକାରୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମର ସଫଳ ରୂପାୟଣରେ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀ, ସାଧନ କର୍ମୀ, ସଂଯୋଜକ, ଗୋଷ୍ଠୀ ଶିକ୍ଷାଧିକାରୀ ଓ ସମଗ୍ର ଶିକ୍ଷା ନୂଆପଡ଼ାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ବେତନଟୀ ବ୍ଲକ୍‌ରେ ୨୯୨୭ ଜଣ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମଙ୍କୁ ମିଳୁନି ଭତା

ବେତନଟୀ(ନି ପ୍ର) : ବେତନଟୀ ବ୍ଲକ ର ୨୪ ଟି ଗ୍ରାମ ପଂଚାୟତ ଅଂଚଳ ରେ ଆଜିକୁ ଦୁଇ ବର୍ଷ ହେବ ୨୯୨୭ ଜଣ ଯୋଗ୍ୟ ଥିବା ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ହିତାଧିକାରୀ ମନେ ଆବେଦନ କରି ଭତା ପାଇବାରୁ ବଂଚିତ ରହିଛନ୍ତି । ଏହି ହିତାଧିକାରୀ ମାନେ କେବେ ଭତା ପାଇବେ ଏମାନେ ଜାଣି ନ ଥିବା ବେଳେ ବାରମ୍ଭାର ଗ୍ରାମପଂଚାୟତ କାର୍ଯ୍ୟାଳୟ କୁ ଦୌଡ଼ିଦୌଡ଼ି ନୟାନ୍ତ ହେଉଥିଲେ ମଧ ଏମାନଂକୁ କେବେ ଭତା ମିଳିବ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଉ ପାରିନାହିଁ । ଏଭଳିକି ଭତା ପାଉଥିବା ଯୋଗ୍ୟ ହିତାଧିକାରୀ ଙ୍କ ମୃତ୍ୟୁ ହେଲାପରେ ସେହି ସ୍ଥାନ ରେ ଅନ୍ୟ ଜଣେ ଯୋଗ୍ୟ ହିତାଧିକାରୀ ଙ୍କୁ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଭତା ପ୍ରଦାନ କରି ସାନ୍ତ୍ୱନା ଦେଉଛନ୍ତି । ଏହି ଆବେଦନକାରି ଙ୍କ ମଧରୁ ୬୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ଏଭଳିକି ବୃଦ୍ଧ ମାନଙ୍କୁ ୮୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ ମଧ ଭତା ପାଇପାରିନାହାନ୍ତି ।ଗତ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଯୋଗ୍ୟ ଥିବା ଆବେଦନ କାରୀଙ୍କୁ ବେତନଟୀ ବ୍ଲକ ପକ୍ଷରୁ ଭତା ପ୍ରଦାନ କରାଯାଇଛି । ନିର୍ବାଚନ ସାରିବା ଠାରୁ ଆବେଦନକାରୀଙ୍କୁ ଦୁଇ ବର୍ଷ ଅତିକ୍ରମ ହୋଇଥିଲେ ମଧ ଏହି ଆବେଦନକାରୀ ମାନଙ୍କୁ ଭତା ପ୍ରଦାନ କରାଯାଇନାହିଁ । ବିଶେଷ ସୂଚନା ରୁ ଜଣା ଯାଇଛି ଯେ ନୂତନ ସରକାର ଆସିବା ଠାରୁ ବେତନଟୀ ବ୍ଲକ କାର୍ଯ୍ୟାଳୟ କୁ ଲକ୍ଷ୍ୟ ଧାର୍ଯ୍ୟ ଆସି ନ ଥିବାରୁ ଭତା ଆବେଦନକାରି ଙ୍କୁ ଭତା ପାଇବାରେ ବିଳମ୍ବ ହୋଇଛି ।ଏ ସମ୍ପର୍କ ରେ କଂଗ୍ରେସ ଦଳ ର ବେତନଟୀ ବ୍ଲକ ସଭାପତି କୁଶଧର ବେହେରା ଙ୍କୁ ପଚାରିବାରୁ ସେ କୁହନ୍ତି ସରକାର ନିର୍ବାଚନ ପୂର୍ବରୁ ୩୦୦୦ ଟଙ୍କା ଭତା ଦେବେ ବୋଲି ପ୍ରତିଶୃତି ଦେଇଥିବା ବେଳେ ତାହାତ ଦେବା ଦୂର କଥା ୧୦୦୦ ଟଙ୍କା ଭତା ଦେବା ପାଇଁ ଚଳିତ ସରକାର ପଛଘୁଂଚା ଦେଉଛନ୍ତି ।ସେହିପରି ବେତନଟୀ ବ୍ଲକ ର ଯୁବ ସଂଗଠକ ତଥା ସମାଜ ସେବୀ ଅଜିତ କୁମାର ସାହୁ ଙ୍କୁ ପଚାରିବାରୁ ସେ ମଧ କୁହନ୍ତି ଗ୍ରାମାଂଚଳ ରେ ବୃଦ୍ଧ ବୃଦ୍ଧା ମାନେ ଅଭାବୀ ସଂସାର ମଧରେ ଦିନ କାଟୁଛନ୍ତି । ସେମାନେ ଅର୍ଥ ଅଭାବରୁ ଅସୁସ୍ଥ ହେଲେ ଔଷଧ କିଣି ଖାଇବାରୁ ବଂଚିତ ହେଉଛନ୍ତି । ସେମାନ ଙ୍କୁ ୬୦ ବର୍ଷ ପୂରଣ ହେବା ମାତ୍ରେ ଭତା ଟଙ୍କା ସରକାର ପ୍ରଦାନ କରିଲେ ସବୁ ହିତାଧିକାରୀ ଉପକୃତ ହୋଇ ପାରିବେ ବୋଲି ମତପ୍ରକାଶ କରିଛନ୍ତି ।

# ହୋପ-ଏଜର ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ

କଟକ : (ନି.ପ୍ର)ରାଜ୍ୟର ଲବ୍ଧ ପ୍ରତିଷ୍ଠିତ ଅନୁଷ୍ଠାନ ବରିଷ୍ଠ ନାଗରିକ ମାନଙ୍କ ଉଦେଶ୍ୟରେ ସମର୍ପିତ 'ହୋପ-ଏଜ'ଟ୍ରଷ୍ଟର ଦ୍ୱିବାର୍ଷିକ ନୂତନ କର୍ମକର୍ତା ନିର୍ବାଚନ ଆଜି ଆଶ୍ରୟ ଦି ସେଲଟରରେ ଅନୁଷ୍ଠିତ ହୋଇଯାଇଛି କ୍ଷ ନ୍ୟାସ ପରିଚାଳକ (ଟ୍ରଷ୍ଟି )ଡ଼ଃ ସତ୍ୟ ରାୟ, ସଭାପତି କିଶୋର ଚନ୍ଦ୍ର ଶତପଥି ଓ ସମ୍ପାଦକ ରଂଜିତ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ନୂତନ କର୍ମକର୍ତା ନିର୍ବାଚିତ ହୋଇଯାଇଛି କ୍ଷ ଏହି କାର୍ଯ୍ୟକର୍ତା ଓ କାର୍ଯ୍ୟକାରିଣୀ କମିଟି ୨୦୨୬-୨୦୨୮ବର୍ଷ ପାଇଁ ଆନୁଷ୍ଠାନିକ ଭାବେ କାର୍ଯ୍ୟ କରିବ କ୍ଷ ନବନିର୍ବାଚିତ କର୍ମକର୍ତା ନିମ୍ନଲିଖିତ ଭାବେ ନ୍ୟାସ ପରିଚାଳକ ଡ଼ଃ



ରାୟ ଘୋଷଣା କରିଥିଲେ କ୍ଷ୧)ମୁଖ୍ୟ ପୃଷ୍ଟପୋଷକ - ଇଂ ଉମେଶ ଚନ୍ଦ୍ର ପଟ୍ଟନାୟକ ୨)ପୃଷ୍ଟପୋଷକ -ଡ଼ଃ ପ୍ରସନ୍ନ କୁମାର ନାୟକ, ଡ଼ଃ ମୀରାବାଳା ମହାପାତ୍ର ଉତ୍କଳ ଭୂଷଣ ରାଉତରାୟ ଓ ସୁଜାତା ପଟ୍ଟନାୟକ ୩)ମୁଖ୍ୟ ଉପଦେଷ୍ଟା-ଡ଼ଃ ନିତ୍ୟାନନ୍ଦ ସ୍ୱାଇଁ ୪)ନ୍ୟାସ ପରିଚାଳକ (ଟ୍ରଷ୍ଟି )ଡ଼ଃ ସତ୍ୟ ରାୟ ୫)ସଭାପତି -କିଶୋର ଚନ୍ଦ୍ର ଶତପଥି ୬)ଉପ-ସଭାପତି -ବିଜୟ କୁମାର ପୃଷ୍ଟି ଓ ପ୍ରମିଳା ଦାସବର୍ମା ୭)ସାଧାରଣ ସମ୍ପାଦକ-ରଂଜିତ କୁମାର ସାହୁ ୮)ଯୁଗ୍ମ ସମ୍ପାଦିକା-ସୁଜାତା ପଟ୍ଟନାୟକ, ୯)ସଙ୍ଗଠନ ସମ୍ପାଦକ -ଚିତରଞ୍ଜନ ମହାନ୍ତି ୧୦)କୋଷାଧକ୍ଷ୍ୟ-ପ୍ରଫୁଲ୍ଲ କୁମାର ସାହୁ ୧୧)ସହକୋଷାଧକ୍ୟ -ଅଶୋକ କୁମାର ସାହୁ ୧୨)ଆଭ୍ୟନ୍ତରୀଣ ହିସାବ ନିରୀକ୍ଷକ -ଆଡ଼ଭୋକେଟ ସୁନାକାର ମହାନ୍ତି ଓ ପ୍ରମୋଦ କୁମାର ପଟ୍ଟନାୟକ । କାର୍ଯ୍ୟକାରିଣୀ ସଦସ୍ୟ/ସଦସ୍ୟକ୍ଷ :-ବଂଶୀଧର ରାଉତ, ଗୋବିନ୍ଦ ବିହାରୀ ଜେନା, ଗୌରୀଶଙ୍କର ପଟ୍ଟନାୟକ, କୈଳାଶ ଚନ୍ଦ୍ର ମିଶ୍ର, କସ୍ତୁରୀ ରାୟ, ହିମାଂଶୁବାଳା ପଟ୍ଟନାୟକ, ବାଦଲ ମହାନ୍ତି, ବାବୁଲିଧର ନାୟକ, ଅମୁଲ୍ୟ ମିଶ୍ର, ଆର. ସଂଜୀବ ରାଓ କେଦାରନାଥ ଜାଲି, ଅନିଲ କୁମାର ରାୟ, ଶଶୀଭୂଷଣ ପ୍ରଧାନ ଓ ସଂଜୟ ଦାସ ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗ୍ରୀଷ୍ମ କାଳୀନ ଶୈକ୍ଷିକ ବିକାଶ କାର୍ଯ୍ୟକ୍ରମ ୨୦୨୬ ଅନୁଷ୍ଠିତ

ବ୍ରହ୍ମପୁର / ଗୋପାଳପୁର(ନି.ପ୍ର.) : ବ୍ରହ୍ମପୁର ବିଶ୍ୱବିଦ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷଓଳୟ ଠାରେ ଆଜି ପୂର୍ବାହ୍ନରେ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମହାବିଦ୍ୟାଳୟଗୁଡିକ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଗ୍ରୀଷ୍ମକାଳୀନ ଶୈକ୍ଷିକ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି କାର୍ଯ୍ୟକ୍ରମରେ ଆଇସର ର ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଗାଙ୍ଗୁଲି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧକ୍ଷତା କରି କହିଥିଲେ ଯେ ଏଭଳି କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କର ଶୈକ୍ଷିକ ଏବଂ ମାନସିକ ସ୍ତରରେ ଉନ୍ନତି ହୋଇଥାଏ କ୍ଷ ସରକାରଙ୍କ ଏହି ପଦକ୍ଷେପ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ଅଟେ କ୍ଷ ଅନ୍ୟ ମାନଙ୍କ ମଧରେ ସ୍ନାତକୋତର ବିଭାଗ ସମୂହର ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ମହାବିଦ୍ୟାଳୟ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ପ୍ରଫେସର ସିଦ୍ଧାର୍ଥ ଶଙ୍କର ପଣ୍ଡା ଏବଂ ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ଗଣେଶ ସେଠି ପ୍ରମୁଖ ମଂଚାସିନ ଥିଲେ କ୍ଷ ପ୍ରଫେସର ସେଠି ଅତିଥି ପରିଚୟ ଏବଂ କାର୍ଯ୍ୟକ୍ରମର ସମ୍ୟକ ସୂଚନା ଦେଇଥିବା ବେଳେ ସ୍ୱସ୍ତି ଶ୍ରୀୟା ସଭାକାର୍ଯ୍ୟ ସଂଯୋଜନା କରିଥିଲେ ।

# ହଷ୍ଟେଲ ଫି ଆଦାୟକୁ ନେଇ ତାତିଲା ଭଞ୍ଜବିହାର ଛାତ୍ରଛାତ୍ରୀ ଆନ୍ଦୋଳନ ପାଇଁ ହେଉଛନ୍ତି ସଜବାଜ

ବ୍ରହ୍ମପୁର(ନି.ପ୍ର.): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅଜବ ନିତି , ବର୍ଷେ ତଳେ ଯାହା ଛାଡ କରିଥିଲେ ଏବେ ତାହା ଆଦୟ କରୁଛନ୍ତି , 'ହଷ୍ଟେଲ ଛାଡିବା ସମୟରେ କସନ ଟଙ୍କା ଆଦାୟକୁ ନେଇ ବିଭ୍ରାଟ ଦେଖାଦେଇଛି । ମୌଳିକ ସୁବିଧା ଯୋଗାଇଦେବା ପାଇଁ ମଧ୍ୟ ବିଭିନ୍ନ ସମୟରେ ଦାବି ଉଠିଥାଉଛି । ଏ ନେଇ ଆଜି ବିଶ୍ୱବିଦ୍ୟାଳୟର ଏକ ଛାତ୍ର ପ୍ରତିନିଧି ମଣ୍ଡଳୀ କୁଳପତି ଡ .ଗୀତାଞ୍ଜଳି ଦାସଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ଦକ୍ଷିଣ ଓଡ଼ିଶାର ଶିକ୍ଷାର ପ୍ରାଣକେନ୍ଦ୍ର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଧିକାଂଶ ଛାତ୍ରଛାତ୍ରୀ ସାଧାରଣ ଚାଷୀ ମୂଲିଆ ଗରିବ ଘରରୁ ଦୂରଦୂରାନ୍ତରୁ ଏଠି ଉଚ୍ଚଶିକ୍ଷା ନିମନ୍ତେ ପଢିବା ପାଇଁ ଆସିଥାନ୍ତି । ତେବେ ବର୍ତମାନ କସନ ଟଙ୍କାରୁ ୭୦୦ ଟଙ୍କା କଟାଯିବାକୁ ନେଇ ସେମାନଙ୍କ ଉପରେ ଚଡକ ପଡିଛି । ଓଡ଼ିଶାର ଅନ୍ୟ ବିଶ୍ୱବିଦ୍ୟାଳୟ



ତୁଳନାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଆଡେ ଅଧିକ ହଷ୍ଟେଲ ଫି ଆଦାୟ କରୁଛନ୍ତି ବୋଲି ଶହ ଶହ ଛାତ୍ରଛାତ୍ରୀ ବର୍ଷେ ତଳେ ଆନ୍ଦୋଳନକୁ ଓହ୍ଲାଇଥିଲେ , ଯାହାଫଳରେ ବିଶ୍ୱବିଦ୍ୟାଳୟ ନାକେଦମ ହୋଇ ଫି କମେଇବାକୁ ବାଧ୍ୟ ହୋଇଥିଲେ । ଏବଂ ହଷ୍ଟେଲ ରିଆଡମିସନ ଫି ୭୦୦ ଟଙ୍କା କମେଇ ବିଶ୍ୱବିଦ୍ୟାଳୟ ଏକ ନୋଟିସ ଜାରି କରିଥିଲେ । ସେନୁଯାୟୀ ସମସ୍ତେ ଛାତ୍ରଛାତ୍ରୀ ୭୦୦ ଟଙ୍କା କମେଇ ହଷ୍ଟେଲ ଫି ବାନ୍ଧିଥିଲେ । ତେବେ ପୁଣି ବର୍ଷ ଶେଷରେ ନିଜ କଥାରୁ ଓହରିଯାଇଛନ୍ତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି । ସେ କଥା କୁଆଡେ ବିଧିବଦ୍ଧ ନଥିଲା ବୋଲି ପୁଣି କହିଛନ୍ତି । ତେବେ ବର୍ତମାନ ଛାତ୍ରଛାତ୍ରୀଙ୍କ କସନ ଟଙ୍କାରୁ ୭୦୦ ଟଙ୍କା ଆଦାୟ କରାଯିବାକୁ ନେଇ ସିଣ୍ଡିକେଟରେ ନିଷ୍ପତି ହୋଇଛି । ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ଭିତରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି । ଯାହାଫଳରେ ଏବେ ସମସ୍ତେ କହୁଛନ୍ତି କଥାଦେଇ ଓହରିଗଲେ ଭିସି ଗୀତାଞ୍ଜଳି ଦାସ ବୋଲି ଭଞ୍ଜବିହାର କେମ୍ପସରେ ଜୋରଦାର ଆଲୋଚନା ଚାଲିଛି । ତେବେ ଏ ନେଇ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି ଏଥିରେ ଛାତ୍ର ନେତା ଇଜୁ ଅମିନ ଖାନଙ୍କ ନେତୃତ୍ୱରେ ସନ୍ତୋଷ କୁମାର ବେହେରା , ଅନିରୁଦ୍ଧ କୁମାର ରାଣା , ନୀଳାଂଚଳ ମହାନ୍ତି, ମନିଷା କହଁର, ଆଫିଆ ଖାନୁନ୍ , ବାଲ୍ମୀକି ସେଠୀ , ଏନ୍ କାମରାଜୁ ପାତ୍ର , ବିକାଶ ପ୍ରଧାନ ଓ ଅଭିଜିତ ଚିଛନ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଦଶମ ଶ୍ରେଣୀ ଛାତ୍ର ନିଖୋଜ: ଚରମ୍ପା ଷ୍ଟେସନ ନିକଟରୁ ସାଇକେଲ ଜବତ

ଧାମନଗର,(ନି.ପ୍ର.): ଧାମନଗର ଥାନା ଅନ୍ତର୍ଗତ ବାରିକପୁର ନିକଟ କରଞ୍ଜି ଗ୍ରାମର ଜଣେ ଦଶମ ଶ୍ରେଣୀ ଛାତ୍ର ନିଖୋଜ ହୋଇଥିବା ଅଭିଯୋଗ ହୋଇଛି । ନିଖୋଜ ଛାତ୍ରଜଣକ ହେଉଛନ୍ତି ମହେନ୍ଦ୍ର ପଣ୍ଡାଙ୍କ ପୁଅ ସୁଶାନ୍ତ ପଣ୍ଡା (୧୫) । ପୋଲିସ ଏହି ଘଟଣାରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଚରମ୍ପା ଷ୍ଟେସନ ନିକଟରୁ ନିଖୋଜ ଛାତ୍ରଙ୍କ ସାଇକେଲ ଜବତ କରାଯାଇଛି ।ମେ' ୩ ତାରିଖ ସନ୍ଧ୍ୟା ୫ଟା ବେଳେ ସୁଶାନ୍ତ ନିକଟସ୍ଥ ଶରଦପୁର ଗ୍ରାମକୁ ଟିଉସନ ପଢ଼ିବାକୁ ଯାଇ ଆଉ ଘରକୁ ଫେରିନଥିଲେ । ପରିବାର ଲୋକେ ଖୋଜାଖୋଜି କରିବା ପରେ ପୁଅର ସନ୍ଧାନ ନପାଇବାରୁ ମେ' ୪ ତାରିଖରେ ମା' ମନୋରମା ପଣ୍ଡା ଧାମନଗର ଥାନାରେ ଦ୍ୱାରସ୍ଥ ହୋଇଥିଲେ । ମନୋରମା ପଣ୍ଡାଙ୍କ ଅଭିଯୋଗକୁ ଆଧାର କରି ଧାମନଗର ପୋଲିସ କେସ୍ ନଂ ୧୯୧/୨୦୨୬ରେ ଏକ ମାମଲା ରୁଜୁ କରିଛି । ଥାନା ଏସଆଇ ରଶ୍ମିତା ମଲ୍ଲିକଙ୍କୁ ଏହି ଘଟଣାର ତଦନ୍ତକାରୀ ଅଫିସର ଦାୟିତ୍ୱ ଦିଆଯାଇଛି । ତଦନ୍ତ ସମୟରେ ଚରମ୍ପା ଷ୍ଟେସନ ନିକଟ ରେଳ



ଧାରଣା ପାଖରୁ ସୁଶାନ୍ତ ବ୍ୟବହାର କରୁଥିବା ସାଇକେଲଟି ମିଳିଥିବା ଏସଆଇ ରଶ୍ମିତା ମଲ୍ଲିକ ସୂଚନା ଦେଇଛନ୍ତି ।ପୁଅ ନିଖୋଜ ହେବା ପରେ ପରିବାରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ନବମ ଶ୍ରେଣୀରୁ ଉତୀର୍ଣ୍ଣ ହୋଇ ଦଶମ ଶ୍ରେଣୀରେ ପାଦ ଦେଇଥିବା ପୁଅର କୌଣସି ସନ୍ଧାନ ନମିଳିବାରୁ ପରିବାର ସଦସ୍ୟମାନେ ଖିଆପିଆ ବନ୍ଦ କରି ଦେଇଛନ୍ତି । ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ପ୍ରକ୍ରିୟା ଜାରି ରଖିଛି ।

# ଝାରସୁଗୁଡାରେ ଜିଲ୍ଲା ସ୍ତରୀୟ ରବି ଧାନ ସଂଗ୍ରହ ସମିତି ବୈଠକ, ମଇ ୨୫ ରୁ ଧାନକ୍ରୟ ଆରମ୍ଭ

ଝାରସୁଗୁଡା,(ନି.ପ୍ର.)ଝାରସୁଗୁଡା ଜିଲ୍ଲାରେ ଖରିଫ ବିପଣନ ବର୍ଷ ୨୦୨୫- ୨୦୨୬ ରେ ରବି ଧାନ ସଂଗ୍ରହ ନିମନ୍ତେ ଝାରସୁଗୁଡା ଜ଼ିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜ଼ିଲ୍ଲାପାଳ, ଝାରସୁଗୁଡା ଶ୍ରୀ କୁଣକ୍ଷଲ ମୋତିରାମ ଚଓ୍ୱକ୍ଷଣ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ବୈଠକ ରେ ବିଧାୟକ, ଝାରସୁଗୁଡା ଶ୍ରୀ ଟଙ୍କଧର ତ୍ରିପାଠୀ, ଅଧକ୍ଷା, ଜ଼ିଲ୍ଲା ତୁଳାବତୀ ମିଞ୍ଜ, ଅତିରିକ୍ତ ଜ଼ିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ମଂଚାସୀନ ଥିଲେ କ୍ଷ ସଭା ଆରମ୍ଭ ରେ ବେସମରିକ ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେଶ୍ରକ୍ଷ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଏ ବର୍ଷ ରବି ଋତୁ ରେ କିପରି ଭଲ ଭାବରେ ଧାନ କିଣା ଯାଇ ପାରିବ ସେଥିପାଇଁ ସମସ୍ତ ଙ୍କ ସହଯୋଗ କାମନା କରିଥିଲେ କ୍ଷବୈଠକ ରେ ଜ଼ିଲ୍ଲାପାଳ ଚଓ୍ୱକ୍ଷଣ ଚଳିତ ରବି ଋତୁ ନିମନ୍ତେ ଜ଼ିଲ୍ଲା ର ମୋଟ ୨୩୪୬ ଚାଷୀ ଧାନ ବିକ୍ରୟ ନିମନ୍ତେ ପଞ୍ଜିକରଣ କରିଥିବା ଏବଂ ମୋଟ ୨୮ ଗୋଟି ପ୍ରାଥମିକ ସମବାୟ ସମିତି ମାଧ୍ୟମରେ ଯୋଗ୍ୟ ଚାଷୀ ମାନଙ୍କ ଠାରୁ ଧାନ ସଂଗ୍ରହ କରିଯିବା ବିଷୟରେ ସୂଚନା ପ୍ରଦାନ କରିଥିଲେ କ୍ଷ ବୈଠକ ରେ




ଆଲୋଚନା ପ୍ରକାରେ ଆସନ୍ତା ୨୫.୫.୨୦୨୬ ରିଖ ଠାରୁ ଜ଼ିଲ୍ଲା ରେ ଧାନ ସଂଗ୍ରହ ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଥିଲା କ୍ଷ ବୈଠକ ରେ ମାନ୍ୟବର ବିଧାୟକ, ଝାରସୁଗୁଡା ଟଙ୍କଧର ତ୍ରିପାଠୀ ଜ଼ିଲ୍ଲା କୁ ବାହାର ରାଜ୍ୟ ର ଧାନ ପ୍ରବେଶ ଉପରେ ରୋକ ଲଗାଇବା ଉପରେ ଗୁରୁତ୍ୱକ୍ଷରୋପ କରିଥିଲେ ଏବଂ ଜ଼ିଲ୍ଲା ରେ ସୁରୁଖୁରୁରେ କିପରି ରବି ଧାନ ସଂଗ୍ରହ ସମ୍ପୂର୍ଣ୍ଣ ହେବ ସେଥିପାଇଁ ଧାନ କ୍ରୟ କମିଟି ର ସଦସ୍ୟ, ଚାଷୀ, ପକ୍ଷକ୍ଷ୍ୱ ପ୍ରତିନିଧି ଏବଂ ଅଧିକାରୀ ମାନଙ୍କ ସହଯୋଗ କାମନା କରିଥିଲେ କ୍ଷ ଏଥି ସହ ଚାଷୀ ଙ୍କ ପଞ୍ଜିକରଣ ବଢ଼ି ଥିବାରୁ ଏବଂ ଖରିଫ ଋତୁ ରେ ଆମ ଜ଼ିଲ୍ଲା ର ସମସ୍ତ ଧାନ ବିକ୍ରି ହୋଇ ଥିବାରୁ ଖୁସି ବ୍ୟକ୍ତ କରିଥିଲେ କ୍ଷ ଧାନ କ୍ରୟ ସମୟ ରେ ବର୍ଷା ର ସମ୍ଭାବନା ଥିବାରୁ ଏବଂ ବିଦ୍ୟାଳୟ ଗୁଡିକ ଛୁଟି ଥିବାରୁ ସେଠାରେ ଆବଶ୍ୟକ ସ୍ଥଳେ ରଖାଯାଇପାରିବ ବୋଲି ମଧ ମତବ୍ୟକ୍ତ କରିଥିଲେ କ୍ଷ ଆଉ ମଧ ଦରକାର ପଡିଲେ ପାଖ ପଂଚାୟତ ମାନଙ୍କ ରେ ସୁରକ୍ଷିତ ଭାବେ ଧାନ ଗଛିତ କରି ରଖାଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ କ୍ଷ ଏଥିସହ ଜ଼ିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ ଚାଷୀ ଙ୍କ ପଞ୍ଜିକରଣ, ସୋସାଇଟି ମାଧ୍ୟମରେ ପଞ୍ଜିକରଣ, ସାମୁହିକ ସଚେତନତା ମାଧ୍ୟମରେ ଚାଷୀ ଉପକୃତ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ କ୍ଷ କ୍ଷ ଚାଷୀ ମାନେ ମଣ୍ଡି ଗୁଡିକ ରେ ସମସ୍ତ ସୁବିଧା ଉପଲବ୍ଧ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ସହିତ ୭୫ କେ. ଜି. କୁ ୨ ଟି ପର୍ଯ୍ୟାୟ ରେ ଅନୁମତି ଦେବା ପାଇଁ ଅନୁରୋଧ କରିଥିଲେ କ୍ଷ ବିଧାୟକ ଶ୍ରୀ ତ୍ରିପାଠୀ ଙ୍କ ପ୍ରଚେଷ୍ଟା ରେ ଗତ ଖରିଫ ରେ ଗଛିତ ଚାଉଳ କୁ ତୁରନ୍ତ ଗୋଦାମ କୁ ନେବାରେ ବଳିଷ୍ଠ ପଦକ୍ଷେପ ନେଇଥିବାରୁ ଏ ବର୍ଷ ମଧ ଧାନ କ୍ରୟ ସୁଚାରୁ ଭାବେ ସମ୍ପାଦିତ କରିବା ପାଇଁ ବିଧାୟକ ଙ୍କ ସହଯୋଗ କାମନା କରାଯାଇଥିଲା କ୍ଷ ଏଥିସହିତ ଜ଼ିଲ୍ଲାପାଳ ଶ୍ରୀଯୁକ୍ତ ଚଓ୍ୱକ୍ଷଣ ଙ୍କ ତତ୍ୱାବଧାନ ରେ ଗତ ଖରିଫ ଋତୁ ରେ ଯେପରି ସୁରୁଖୁରୁରେ ଧାନ କିଣା ଯାଇଥିଲା, ଏ ବର୍ଷ ରବି ଋତୁ ରେ ମଧ ଜ଼ିଲ୍ଲାପାଳ ଙ୍କ ଦିଗଦର୍ଶନ ରେ ଧାନ କିଣା ଯିବା ଉପରେ ସମସ୍ତେ ଆଶା ବ୍ୟକ୍ତ କରିଥିଲେ ।ବୈଠକରେ ଚାଲୁ ଧାନ ସଂଗ୍ରହ ପ୍ରକ୍ରିୟା, ଟୋକେନ ବ୍ୟବସ୍ଥା, ଚାଷୀଙ୍କ ସୁବିଧା, ମଣ୍ଡି ପରିଚାଳନା ଓ ମୂଳଭୂତ ସୁବିଧା ଉପରେ ଆଲୋଚନା କରାଯାଇଥିଲା । ଏଥିସହିତ ସମୀକ୍ଷାରେ ଧାନ ସଂଗ୍ରହର ଲକ୍ଷ୍ୟ, ନିବନ୍ଧିତ ଚାଷୀଙ୍କ ସଂଖ୍ୟା, ଟୋକେନ ଇସ୍ୟୁ ଓ ଉଠାଣ ବିଷୟରେ ମଧ ଆଲୋଚନା ହୋଇଥିଲା । ମଣ୍ଡିରେ ଭଲ ପରିଚାଳନା, ସମୟୋପଯୁକ୍ତ ଧାନ ଉଠାଣ, ଚାଷୀଙ୍କୁ ସହଜ ସୁବିଧା ଯୋଗାଇବା, ଅଧିକ ଟାର୍ଗେଟ ଦେବା, ସମବାୟ ସମିତି ଗୁଡିକରେ କୌଣସି ଅସୁବିଧା ନ ହେବା, ଟୋକନ ମିଳିବାରେ କୌଣସି ସମସ୍ୟା ନ ହେବା, ଚାଷୀ ର ଟୋକନ ଯେପରି ଫେରାଇ ଦିଆ ନ ଯିବ ସେଥିପ୍ରତି ଦୃଷ୍ଟି ଦେବାପାଇଁ ଜୋର ଦିଆଯାଇଥିଲା କ୍ଷ ଅନ୍ୟ ମାନଙ୍କ ମଧରେ ଡି ଆର ସି ଏସ ମମତା ରାଣୀ କୁଜୁର, ଏ. ଆର. ସି. ଏସ. ରମେଶ ଚନ୍ଦ୍ର ଟପ୍ପୋ, ସେକ୍ରେଟାରୀ,ନିୟନ୍ତ୍ରିତ ବଜାର କମିଟି ସୁଜିତ କୁମାର ମହାପାତ୍ର, ସହକାରୀ ଯୋଗାଣ ଅଧିକାରୀ ଜୟନ୍ତ କୁଣ୍ଡୁ, ସୂର୍ଯ୍ୟ କୁମାର ପାଣିଗ୍ରାହୀ,ମିଲର, କୃଷକ ମାନେ ଉପସ୍ଥିତ ଥିଲେ ।

# ଜ୍ଞାନୀ ଜୈଲ୍ ସିଂହଙ୍କ ଜୟନ୍ତୀ ଅବସରରେ ପୁଷ୍ପମାଲ୍ୟ ଅର୍ପଣ କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଦିନ ରାଷ୍ଟ୍ରପତି ଭବନରେ ଦେଶର ପୂର୍ବତନ ରାଷ୍ଟ୍ରପତି ଜିଆନି ଜୈଲ ସିଂହଙ୍କୁ ତାଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ମୁର୍ମୁ ରାଷ୍ଟ୍ର ନିର୍ମାଣରେ ଜିଆନି ଜୈଲ୍ ସିଂଙ୍କ ଅବଦାନକୁ ସ୍ମରଣ କରିଥିଲେ ଏବଂ କହିଥିଲେ ଯେ, ତାଙ୍କ ସାର୍ବଜନୀନ ଜୀବନ ଦେଶ ପ୍ରତି ସମର୍ପଣ, ସରଳତା ଏବଂ ସେବାର ପ୍ରତୀକ । ଏଠାରେ ଉଲ୍ଲେଖଯୋଗ୍ୟ, ଜିଆନି ଜୈଲ୍ ସିଂ (୫ ମଇ ୧୯୧୬-୨୫ ଡିସେମ୍ବର ୧୯୯୪) ୧୯୮୨ ରୁ ୧୯୮୭ ପର୍ଯ୍ୟନ୍ତ ଭାରତର ସପ୍ତମ ରାଷ୍ଟ୍ରପତି ଥିଲେ । ଏହି ସର୍ବୋଚ୍ଚ ପଦବୀରେ ଅବସ୍ଥାପିତ ହେବାରେ ସେ ଥିଲେ ପ୍ରଥମ ଶିଖ୍ । ଜଣେ ବରିଷ୍ଠ କଂଗ୍ରେସ ନେତା ତଥା ୧୯୭୨ ରୁ ୭୭ ପର୍ଯ୍ୟନ୍ତ ପଞ୍ଜାବର ମୁଖ୍ୟମନ୍ତ୍ରୀ ତଥା ୧୯୮୦ ରୁ ୮୨ ପର୍ଯ୍ୟନ୍ତ କେନ୍ଦ୍ର ଗୃହମନ୍ତ୍ରୀ ଜିଆନି ଜୈଲ୍ ସିଂଙ୍କ କାର୍ଯ୍ୟକାଳ ସମୟରେ ଅପରେସନ ବ୍ଲୁ ଷ୍ଟାର୍ ଏବଂ ୧୯୮୪ ଶିଖ ବିରୋଧୀ ଦଙ୍ଗା ଭଳି ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଥିଲା ।

# ରଥଯାତ୍ରାରେ ସିସିଟିଭି ନଜରରେ ରହିବ ବଡ଼ଦାଣ୍ଡ



ପୁରୀ : ପାଖେଇ ଆସୁଛି ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା । ରଥଯାତ୍ରା ପ୍ରସ୍ତୁତି ନେଇ ପୁରୀ ଏସ୍‌ପି ପ୍ରତୀକ ସିଂହ ମଙ୍ଗଳବାର ଏକ ବଡ଼ ସୂଚନା ଦେଇଛନ୍ତି । ଶୃଙ୍ଖଳିତ ଏବଂ ସୁରକ୍ଷିତ ରଥଯାତ୍ରା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଥିବା ଏସ୍‌ପି କହିଛନ୍ତି । ରଥଯାତ୍ରା ପାଇଁ ପୋଲିସ ପକ୍ଷରୁ ଏକାଧିକ କଂଟ୍ରୋଲ ରୁମ୍ ଖୋଲାଯିବ । ଏପରିକି ବଡ଼ଦାଣ୍ଡ ସମ୍ପୂର୍ଣ୍ଣ ସିସିଟିଭି ବଳୟ ମଧ୍ୟରେ ରହିବ ବୋଲି ଏସ୍‌ପି କହିଛନ୍ତି । ରଥ ସମୟରେ ଶ୍ରଦ୍ଧାଳୁଙ୍କ ପାଇଁ ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ଏଲ୍‌ଇଡି ସ୍କ୍ରିନ ଲଗାଯିବ । ଏପରିକି ରଥଯାତ୍ରା ସମୟରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଗୁଗଲର ସହାୟତା ନିଆଯିବ । ଅନ୍ୟପକ୍ଷେ ରଥ ସମୟରେ ଅମାନିଆ ଅଟୋ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି ।








# ସତ୍ୟ ଓ ପରିଶ୍ରମରୁ ହିଁ ମିଳିଥାଏ ସ୍ଥାୟୀ ସଫଳତା : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସତ୍ୟ, କରୁଣା ଓ ଅବିରତ ପରିଶ୍ରମର ଗୁରୁତ୍ୱକୁ ଉଲ୍ଲେଖ କରି ଏକ ସଂସ୍କୃତ ସୁଭାଷିତ ସେୟାର କରିଛନ୍ତି । ସେ କହିଛନ୍ତି ଯେ କେବଳ ଶକ୍ତି ଓ ବଳରେ ନୁହେଁ, ବରଂ ସତ୍ୟର ପଥରେ ଚାଲିବା ଏବଂ ନିରନ୍ତର ପ୍ରୟାସ ଦ୍ୱାରା ମାତ୍ର ସ୍ଥାୟୀ ସଫଳତା ମିଳେ । ପ୍ରଧାନମନ୍ତ୍ରୀ ମୋଦି ମଙ୍ଗଳବାର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ ସତ୍ୟ ଓ ସଚ୍ଚୋଟତା ସହ ଲଭ୍ୟ ସଫଳତା ଦୀର୍ଘ ସମୟ ପର୍ଯ୍ୟନ୍ତ ଅବିକଳ ରହେ ଏବଂ ଏହା ମନକୁ ଗଭୀର ସନ୍ତୋଷ ଦେଇଥାଏ । ପ୍ରଧାନମନ୍ତ୍ରୀ ଏହି ସଂସ୍କୃତ ସୁଭାଷିତ ସେୟାର କରିଥିଲେ— ନ ତଥା ବଲଭିୟାଭ୍ୟାଂ ଜୟନ୍ତୀ ଭିଜିଗେଶ୍ୱର । ଯଥା ସତ୍ୟାନୃଶଂସ୍ୟାଭ୍ୟାଂ ଧର୍ମେଣୈବୋଧମେନ ଚ ଏହି ସୁଭାଷିତର ଅର୍ଥ ହେଉଛି ଯେ ଯେମାନେ ବିଜୟ ଲାଭ କରିବାକୁ ଚାହାନ୍ତି, ସେମାନେ କେବଳ ବଳ ଓ ଶକ୍ତିରେ ସଫଳ ହେଉନ୍ତି ନାହିଁ । ସେମାନେ ସତ୍ୟ, କରୁଣା (ଅହିଂସା), ଧର୍ମ (ନୈତିକତା) ଏବଂ ନିରନ୍ତର ପ୍ରୟାସ (ଉଦ୍ୟମ) ଦ୍ୱାରା ମାତ୍ର ସତ୍ୟ ଓ ସ୍ଥାୟୀ ବିଜୟ ଅର୍ଜନ କରନ୍ତି ।

# ଉପ ମୁଖ୍ୟମନ୍ତ୍ରୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କଲେ ଜାତିସଂଘର ଆବାସିକ ସମନ୍ୱୟକାରୀ

ଭୁବନେଶ୍ୱର : ଭାରତରେ ଜାତିସଂଘର ଆବାସିକ ସମନ୍ୱୟକାରୀ (ୟୁଏନ୍ ରେସିଡେଂଟ କୋଅର୍ଡିନେଟର) ମିଷ୍ଟର ଷ୍ଟିଫାନ ପ୍ରିସନର୍ ମଙ୍ଗଳବାର ଲୋକସେବା ଭବନଠାରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଓଡ଼ିଶା ସରକାର ଏବଂ ଜାତିସଂଘ ମଧ୍ୟରେ ପ୍ରମୁଖ ବିକାଶମୂଳକ କ୍ଷେତ୍ରଗୁଡ଼ିକରେ ସହଯୋଗକୁ ଅଧିକ ସୁଦୃଢ଼ କରିବା ଉପରେ ଏହି ଆଲୋଚନା ହୋଇଥିଲା । ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ 'ଆତ୍ମନିର୍ଭର ଭାରତ' ସଂକଳ୍ପକୁ ସାକାର କରିବା ପଥରେ ଭାରତ ଦୃଢ଼ ପଦକ୍ଷେପ ନେଉଛି ଏବଂ ଓଡ଼ିଶା କୃଷି, ଶିଳ୍ପ ତଥା ଅକ୍ଷୟ ଶକ୍ତି କ୍ଷେତ୍ରରେ ଅଭିବୃଦ୍ଧି ହାସଲ କରି ଏଥିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି । ରାଜ୍ୟ ସରକାର କୃଷିକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି ବୋଲି ଉଲ୍ଲେଖ କରି ଶ୍ରୀ ସିଂହଦେଓ କହିଥିଲେ ଯେ, ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା, ଜଳବାୟୁ ଅନୁକୂଳ ଚାଷ ପ୍ରଣାଳୀକୁ ପ୍ରୋତ୍ସାହନ ଦେବା ଏବଂ କୃଷି ମୂଲ୍ୟ ଶୃଙ୍ଖଳାକୁ ମଜବୁତ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି । ଏହି ଆଲୋଚନାରେ ପର୍ଯ୍ୟଟନ ଓ ଐତିହ୍ୟ ପ୍ରସଙ୍ଗ ମଧ୍ୟ ପ୍ରାଧାନ୍ୟ ପାଇଥିଲା । ରାଜ୍ୟର ସମୃଦ୍ଧ ସାଂସ୍କୃତିକ ପରମ୍ପରା, ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ ଏବଂ ରଣିପୁର-



ଝରିଆଲ ଓ ହରିଶଙ୍କର ଭଳି ସମ୍ଭାବ୍ୟ ପର୍ଯ୍ୟଟନ ସ୍ଥଳଗୁଡ଼ିକର ସ୍ଥାୟୀ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଛି । ଓଡ଼ିଶାର ଅନନ୍ୟ ଆଦିବାସୀ ଓ ସାଂସ୍କୃତିକ ପରମ୍ପରାକୁ ସୁରକ୍ଷିତ ରଖି ଏହାକୁ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢ଼ିତୋଳିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି । ଓଡ଼ିଶାକୁ ଅକ୍ଷୟ ଶକ୍ତିର ଏକ କେନ୍ଦ୍ର ଭାବେ ଗଢ଼ିତୋଳିବା, ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) ହାସଲ କରିବା ଦିଗରେ ଜାତିସଂଘର ସହଯୋଗ ନେଇ ଉଭୟ ପକ୍ଷ ଆଲୋଚନା କରିଥିଲେ । ମିଷ୍ଟର ଷ୍ଟିଫାନ ପ୍ରିସନର୍ ଓଡ଼ିଶାର କୃଷି ଏବଂ ଶକ୍ତି ପରିବର୍ତ୍ତନ କ୍ଷେତ୍ରରେ ହୋଇଥିବା ପ୍ରଗତିର ପ୍ରଶଂସା କରିଥିଲେ । ଏଥିସହ ବୈଷୟିକ ଜ୍ଞାନକୌଶଳ ହସ୍ତାନ୍ତର, ଦକ୍ଷତା ବୃଦ୍ଧି ଏବଂ ସମାବେଶୀ ବିକାଶ କ୍ଷେତ୍ରରେ ଜାତିସଂଘ ସହଭାଗୀ ହେବାକୁ ପ୍ରସ୍ତୁତ ବୋଲି ସେ ପ୍ରକାଶ କରିଥିଲେ । ଓଡ଼ିଶାର ବିକାଶ ଯାତ୍ରାକୁ ସ୍ଥାୟୀ ଏବଂ ଆତ୍ମନିର୍ଭରଶୀଳତାର ଏକ ମଡେଲ ଭାବେ ଗଢ଼ିତୋଳିବା ପାଇଁ ସହଯୋଗ ବୃଦ୍ଧି କରିବାକୁ ଉଭୟ ପକ୍ଷ ସଂକଳ୍ପବଦ୍ଧ ହୋଇଥିଲେ । ଏହି ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ସଚିବ ସଚିନ ରାମଚନ୍ଦ୍ର ଯାଦବ ଉପସ୍ଥିତ ଥିଲେ ।

# ସହରାଂଚଳ ବନ୍ୟା ମୁକାବିଲା ପାଇଁ ମୌସୁମୀ ନିର୍ଦ୍ଦେଶାବଳୀ ଜାରି

ଭୁବନେଶ୍ୱର : ଆଗାମୀ ମୌସୁମୀ-୨୦୨୬ ପାଇଁ ସହରାଂଚଳର ସୁରକ୍ଷା ଓ ପ୍ରସ୍ତୁତିକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ସମସ୍ତ ସହରାଂଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକୁ ଏହି ନିର୍ଦ୍ଦେଶାବଳୀ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଏହି ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ଅଧିକାରୀମାନେ ଏହି ମାର୍ଗଦର୍ଶିକାକୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ କୁହାଯାଇଛି । କାର୍ଯ୍ୟକାରିତାରେ ଯଦି କୌଣସି ଅବହେଳା ପରିଲକ୍ଷିତ ହୁଏ, ତେବେ ତାହାକୁ ଗୁରୁତର ସହ ଗ୍ରହଣ କରାଯିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି । ପ୍ରସ୍ତୁତି ରଣନୀତିର ଅଂଶସ୍ୱରୂପ, ସମସ୍ତ ଡ୍ରେନେଜ୍ ସିଷ୍ଟମ୍ ଏବଂ ମ୍ୟାନହୋଲଗୁଡ଼ିକର ୧୦୦ ପ୍ରତିଶତ ଯାଂଚ କରିବାକୁ ୟୁଏଲବି ଗୁଡ଼ିକୁ ବାଧ୍ୟତାମୂଳକ କରାଯାଇଛି । କ୍ଷତିଗ୍ରସ୍ତ ମ୍ୟାନହୋଲଗୁଡ଼ିକର ତୁରନ୍ତ ମରାମତି କିମ୍ବା ସୁରକ୍ଷିତ ଭାବେ ଢାଙ୍କିବା କାର୍ଯ୍ୟକୁ ପ୍ରାଥମିକତା ଦିଆଯାଇଛି । ଯେଉଁଠାରେ ମରାମତି



ବାକି ଅଛି, ସେଠାରେ ସତର୍କତା ସୂଚନା ବୋର୍ଡ ଏବଂ ପ୍ରତିରକ୍ଷା ଜାଲ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ, ନାଳଗୁଡ଼ିକର ନିୟମିତ ପଙ୍କୋଦ୍ଧାର ଏବଂ ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଥିବା ଜବରଦଖଲ ଉଚ୍ଛେଦକୁ ବାଧ୍ୟତାମୂଳକ କରାଯାଇଛି । ସହରାଂଚଳରେ ବାରମ୍ବାର ଜଳବନ୍ଦୀ ସମସ୍ୟା ଦେଖାଦେଉଥିବା ତଥା ତଳିଆ ଅଂଚଳଗୁଡ଼ିକୁ ଚିହ୍ନଟ କରାଯାଇ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି । ଏହି ଅଂଚଳଗୁଡ଼ିକରୁ ଜଳ ନିଷ୍କାସନ ପାଇଁ ପର୍ଯ୍ୟାପ୍ତ ପରିମାଣର ପମ୍ପ ସେଟ୍ ଏବଂ ଡିଜି ସେଟ୍ ମୁତୟନ କରାଯିବ ।

# ଜରୁରୀକାଳୀନ କ୍ରେଡିଟ୍ ଲାଇନ୍ ଗ୍ୟାରେଂଟି ଯୋଜନା ୫.୦କୁ କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ : ପଶ୍ଚିମ ଏସିଆ ପରିସ୍ଥିତିକୁ ଦୃଷ୍ଟିରେ ରଖି ଯୋଗ୍ୟ ବ୍ୟବସାୟିକ ଋଣଗ୍ରହୀତାଙ୍କ ପାଇଁ ଅତିରିକ୍ତ ଋଣ ସହାୟତା ପ୍ରଦାନ କରିବା ଲାଗି ସଦସ୍ୟ ଋଣ ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ନେସନାଲ୍ କ୍ରେଡିଟ୍ ଗ୍ୟାରେଂଟି ଟ୍ରଷ୍ଟି କମ୍ପାନୀ ଲିମିଟେଡ୍ ମାଧ୍ୟମରେ ଋଣ ଗ୍ୟାରେଂଟି ସୁରକ୍ଷା ପ୍ରଦାନ କରାଯିବ । ମୋଟ ୨,୫୫,୦୦୦ କୋଟି ଟଙ୍କାର ଅତିରିକ୍ତ ଋଣ ଯୋଗାଣ ନିମନ୍ତେ ଲକ୍ଷ୍ୟ ରଖାଯାଇଛି (ଏୟାରଲାଇନ୍ସ ପାଇଁ ୫,୦୦୦ କୋଟି ଟଙ୍କା ସମେତ) ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ଜରୁରୀକାଳୀନ କ୍ରେଡିଟ୍ ଲାଇନ ଗ୍ୟାରେଂଟି ଯୋଜନା (ଇସିଏଲଜିଏସ)୫.୦କୁ ମଞ୍ଜୁରୀ ଦେଇଛି ।ପଶ୍ଚିମ ଏସିଆ ସଙ୍କଟକୁ ଦୃଷ୍ଟିରେ ରଖି ଯେକୌଣସି ସ୍ୱଳ୍ପକାଳୀନ ଆର୍ଥିକଅଭାବକୁଭରଣା କରିବା ପାଇଁ ଯୋଗ୍ୟ ଋଣଗ୍ରହୀତାଙ୍କ ନିମନ୍ତେ ଅତିରିକ୍ତ ଋଣ ସୁବିଧା ଅଧୀନରେ ଡିଫଲ୍ଟ ପରିମାଣ ପାଇଁ ନେସନାଲ୍ କ୍ରେଡିଟ୍ ଗ୍ୟାରେଂଟି ଟ୍ରଷ୍ଟି କମ୍ପାନୀ ଲିମିଟେଡ୍ (ଏନସିଜିଟିସି) ଦ୍ୱାରା ସଦସ୍ୟ ଋଣ ପ୍ରଦାନକାରୀ ସଂସ୍ଥା (ଏମଏଲଆଇ)ଗୁଡ଼ିକୁ ଋଣ ଗ୍ୟାରେଂଟି ସୁରକ୍ଷା ପ୍ରଦାନ କରିବା ଏହି ଯୋଜନାର ଉଦ୍ଦେଶ୍ୟ । ଏହି ଗ୍ୟାରେଂଟି ଫଳରେ ଏମଏସଏମଇ ପାଇଁ ୧୦୦% ଏବଂ ଅଣ-ଏମଏସଏମଇଏବଂ ବିମାନ କ୍ଷେତ୍ର ପାଇଁ ୯୦% ଋଣଯୋଗାଣ ସମ୍ଭବ ହୋଇପାରିବ । ଏମଏସଏମଇ/ଅଣଏମଏସଏମଇପାଇଁ (ଏୟାରଲାଇନ୍ କ୍ଷେତ୍ରକୁ ଛାଡ଼ି): ପ୍ରଥମ ଋଣ ପ୍ରଦାନ ତାରିଖରୁ ୫ବର୍ଷ, ଯେଉଁଥିରେ ୧ବର୍ଷର ମହଲତ ମଧ୍ୟ ସାମିଲ ରହିଛି । ଏୟାରଲାଇନ୍ କ୍ଷେତ୍ର: ପ୍ରଥମ ବିତରଣ ତାରିଖଠାରୁ ୭ବର୍ଷ, ଯେଉଁଥିରେ ୨ବର୍ଷର ମହଲତମଧ୍ୟ ଅନ୍ତର୍ଭୁକ୍ତ । ଗ୍ୟାରେଂଟିର ଅବଧି: ଗ୍ୟାରେଂଟିର ସର୍ବାଧିକ ଅବଧି ଋଣର ଅବଧି ସହିତ ସହ-ଶେଷ ହେବ । ଯୋଜନାର ଅବଧି: ଏହି ଯୋଜନା ଏନସିଜିଟିସିଦ୍ୱାରା ଏହି ମାର୍ଗଦର୍ଶିକା ଜାରି ହେବା ତାରିଖଠାରୁ ୩୧ମାର୍ଚ୍ଚ ୨୦୨୭ପର୍ଯ୍ୟନ୍ତ ମଞ୍ଜୁର ହୋଇଥିବା ସମସ୍ତ ଋଣ ପାଇଁ ପ୍ରଯୁଜ୍ୟ ହେବ । ଏହି ଯୋଜନାର ଲକ୍ଷ୍ୟ ହେଉଛି ପଶ୍ଚିମ ଏସିଆ ସଂଘର୍ଷ କାରଣରୁ ସୃଷ୍ଟି ହୋଇଥିବା ଆହ୍ୱାନଗୁଡ଼ିକର ମୁକାବିଲା କରିବା ପାଇଁ ବ୍ୟବସାୟଗୁଡ଼ିକୁ ସକ୍ଷମ କରିବା । ଏହା ସହିତ, ଏହା ବ୍ୟବସାୟଗୁଡ଼ିକୁ ସେମାନଙ୍କର କାର୍ଯ୍ୟକ୍ଷମତା ବଜାୟ ରଖିବା, ଚାକିରି ସୁରକ୍ଷା ଦେବା ଏବଂ ଯୋଗାଣ ଶୃଙ୍ଖଳ ବଜାୟ ରଖିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି । ପ୍ରସ୍ତାବିତ କ୍ରେଡିଟ୍ ଗ୍ୟାରେଂଟି ଯୋଜନା ହେଉଛି, ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାଗୁଡ଼ିକ ମାଧ୍ୟମରେ ବ୍ୟବସାୟଗୁଡ଼ିକୁ, ବିଶେଷକରି ଏମଏସଏମଇ ଓ ଏୟାରଲାଇନ୍ସ କ୍ଷେତ୍ରକୁ ସେମାନଙ୍କର ଅତିରିକ୍ତ କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟକତାକୁ ପୂରଣ କରିବା ପାଇଁ ସାହାଯ୍ୟ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ । ସମୟୋଚିତ ପୁଞ୍ଜି ପ୍ରଦାନ କରି, ଏହି ଯୋଜନା ବ୍ୟବସାୟଗୁଡ଼ିକୁ ବଜାୟ ରଖିବ ଏବଂ ଚାକିରି ହାନିକୁ ରୋକିବ । ଏହା ନିରନ୍ତର ଘରୋଇ ଉତ୍ପାଦନକୁ ମଧ୍ୟ ପ୍ରୋତ୍ସାହିତ କରିବ ଏବଂ ପରିବେଶର ସ୍ଥିରତା ବଜାୟ ରଖିବ ।

# ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ସଂଖ୍ୟା ୩୩ ରୁ ୩୭କୁ ବୃଦ୍ଧି ନେଇ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଆଜି ସୁପ୍ରିମକୋର୍ଟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ବିଲ୍, ୨୦୨୬କୁ ସଂସଦରେ ଆଗତ କରିବା ପ୍ରସ୍ତାବକୁ ମଞ୍ଜୁରି ଦେଇଛନ୍ତି, ଯାହା ଦ୍ୱାରା ସୁପ୍ରିମକୋର୍ଟ (ବିଚାରପତିଙ୍କ ସଂଖ୍ୟା) ଅଧିନିୟମ, ୧୯୫୬ରେ ସଂଶୋଧନ କରାଯାଇ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ସଂଖ୍ୟା ୪ଟି ବୃଦ୍ଧି କରାଯାଇ ବର୍ତ୍ତମାନର ୩୩ରୁ ୩୭କୁ (ଭାରତର ପ୍ରଧାନ ବିଚାରପତିଙ୍କୁ ବାଦ ଦେଇ) କରାଯାଇପାରିବ । ସର୍ବୋଚ୍ଚ ନ୍ୟାୟାଳୟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ବିଲ୍, ୨୦୨୬ ରେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ସଂଖ୍ୟା ୪ ବୃଦ୍ଧି ପାଇ ଅର୍ଥାତ୍ ୩୩ ରୁ ୩୭ କୁ ବୃଦ୍ଧି କରିବାର ବ୍ୟବସ୍ଥା ରହିଛି (ଭାରତର ପ୍ରଧାନ ବିଚାରପତିଙ୍କୁ ବାଦ ଦେଇ) । ବିଚାରପତିଙ୍କ



ସଂଖ୍ୟା ବୃଦ୍ଧି ହେବା ଦ୍ୱାରା ସୁପ୍ରିମକୋର୍ଟ ଅଧିକ ଦକ୍ଷତାର ସହ କାର୍ଯ୍ୟ କରିପାରିବେ ଏବଂ ତ୍ୱରିତ ନ୍ୟାୟ ସୁନିଶ୍ଚିତ କରିପାରିବେ । ବିଚାରପତି ଏବଂ ସହାୟକ କର୍ମଚାରୀଙ୍କ ଦରମା ଏବଂ ଅନ୍ୟାନ୍ୟ ସୁବିଧା ଉପରେ ଖର୍ଚ୍ଚ ଭାରତର ସଂଚିତ ପାଣ୍ଠିରୁ ପୂରଣ କରାଯିବ । ଭାରତୀୟ ସମ୍ବିଧାନର ଧାରା ୧୨୪(୧) ରେ କୁହାଯାଇଛି ଯେ, 'ଭାରତର ଜଣେ ପ୍ରଧାନ ବିଚାରପତିଙ୍କୁ ନେଇ ଏକ ସର୍ବୋଚ୍ଚ ନ୍ୟାୟାଳୟ ଗଠିତ ହେବ ଏବଂ ସଂସଦରେ ଯେ ପର୍ଯ୍ୟନ୍ତ ଆଇନ ଦ୍ୱାରା ଅଧିକ ସଂଖ୍ୟା ନିର୍ଦ୍ଧାରଣ ନକରିଛନ୍ତି, ସାତ ଜଣରୁ ଅଧିକ ଅନ୍ୟ ବିଚାରପତି ହୋଇପାରିବେ ନାହିଁ ।' ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ ୧୯୫୬ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ (ବିଚାରପତିଙ୍କ ସଂଖ୍ୟା) ଅଧିନିୟମ ୧୯୫୬ ମାଧ୍ୟମରେ ଏକ ଅଧିନିୟମ ପ୍ରଣୟନ କରାଯାଇଥିଲା । ଏହି ଆଇନର ଧାରା ୨ ଅନୁଯାୟୀ ସର୍ବାଧିକ ୧୦ ଜଣ ବିଚାରପତି (ଭାରତର ପ୍ରଧାନ ବିଚାରପତିଙ୍କୁ ବାଦ ଦେଇ) ରହିବେ । ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ସଂଖ୍ୟା ସର୍ବୋଚ୍ଚ ନ୍ୟାୟାଳୟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ଅଧିନିୟମ, ୧୯୬୦ ଦ୍ୱାରା ୧୩କୁ ଏବଂ ସର୍ବୋଚ୍ଚ ନ୍ୟାୟାଳୟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ଅଧିନିୟମ, ୧୯୭୭ ଦ୍ୱାରା ୧୭କୁ ବୃଦ୍ଧି କରାଯାଇଥିଲା । ୧୯୭୯ ମସିହା ଶେଷ ସୁଦ୍ଧା ଭାରତର ପ୍ରଧାନ ବିଚାରପତିଙ୍କ ଅନୁରୋଧ କ୍ରମେ ଏହି ପ୍ରତିବନ୍ଧକ ପ୍ରତ୍ୟାହାର କରାଯିବା ପର୍ଯ୍ୟନ୍ତ, ଭାରତର ସର୍ବୋଚ୍ଚ ନ୍ୟାୟାଳୟର କାର୍ଯ୍ୟ କ୍ଷମତା, ଭାରତର ପ୍ରଧାନ ବିଚାରପତିଙ୍କୁ ବାଦ ଦେଇ, କ୍ୟାବିନେଟ ଦ୍ୱାରା ୧୫ ଜଣ ବିଚାରପତିଙ୍କ ମଧ୍ୟରେ ସୀମିତ ରହିଥିଲା ।

# ଓଏଏସ୍ ସ୍ତରରେ ଅଦଳବଦଳ

## ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ଅତିରିକ୍ତ ସଚିବ ଭାବେ ପ୍ରଶାନ୍ତ କୁମାର ନାୟକଙ୍କୁ ଦାୟିତ୍ୱ

ଭୁବନେଶ୍ୱର : ରାଜ୍ୟ ସରକାର ଓଏଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି । କଟକ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକଙ୍କୁ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ଅତିରିକ୍ତ ସଚିବ ଭାବେ




ବଦଳି ହୋଇଛି । ଝାରସୁଗୁଡ଼ାର ଉପ-ଜିଲ୍ଲାପାଳ ସବ୍ୟସଚୀପଣ୍ଡାଙ୍କ ବଦଳି ଆଦେଶକୁ ବାତିଲ କରାଯାଇଛି । ପୂର୍ବ ନିର୍ଦ୍ଦେଶରେ ତାଙ୍କୁ ରାଇରଙ୍ଗପୁର ବାମନଘାଟିର ଉପ-ଜିଲ୍ଲାପାଳ ଭାବେ ବଦଳି କରାଯାଥିଲା । କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଉଗ୍ରେସନ ଓରାମଙ୍କୁ ରାଇରଙ୍ଗପୁର ବାମନଘାଟିର ଉପ-ଜିଲ୍ଲାପାଳ ଭାବେ ବଦଳିହୋଇଛି । କୋଲାବିରା ବ୍ଲକ୍ ଉନ୍ନୟନଅଧିକାରୀ ଅଶୋକ କୁମାର ମାଝୀଙ୍କୁ ବଲାଙ୍ଗୀର ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଛି ।

# ଆଇପିଏଲ-୨୦୨୬ : ଦିଲ୍ଲୀ କ୍ୟାପିଟାଲ୍ସକୁ ୧୫୫ ରନ୍‌ରେ ଟାର୍ଗେଟ ଦେଲା ଚେନ୍ନାଇ ସୁପର କିଙ୍ଗ୍‌ସ

ନୂଆଦିଲ୍ଲୀ : ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୪୮ତମ




ମୁକାବିଲାରେ ଦିଲ୍ଲୀ କ୍ୟାପିଟାଲ୍‌ସ ଏବଂ ଚେନ୍ନାଇ ସୁପର କିଙ୍ଗ୍‌ସ ମୁହାଁମୁହିଁ ହୋଇଛନ୍ତି । ଅରୁଣ ଜେଟଲୀ ଷ୍ଟାଡିୟମରେ ଦିଲ୍ଲୀ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଥିଲା । ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ଟି ୱିକେଟ୍ ହରାଇ ୧୫୫ ରନ୍ ସଂଗ୍ରହ କରିଛି । ଫଳରେ ଅତିଥି ଟିମ୍‌କୁ ଏହି ମ୍ୟାଚ୍ ବିଜୟ ପାଇଁ ୧୫୬ ରନ୍‌ର ଲକ୍ଷ୍ୟ ମିଳିଛି । ଦିଲ୍ଲୀ ପାଇଁ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ ସମୀର ରିଜ୍‌ଭି । ସେ ୨୪ଟି ବଲ୍ ଖେଳି ୪୦ ରନ୍ ସଂଗ୍ରହ କରିଥିଲେ । ଏଥିରେ ୪ଟି ଛକା ସାମିଲ ରହିଛି । ତିଷ୍ଟାନ ଷ୍ଟବ୍ ଦଳ ପାଇଁ ଦ୍ୱିତୀୟ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ, ଯିଏକି ୩୧ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ୨ଟି ଛକା ବଳରେ ୩୮ ରନ୍ ଯୋଡ଼ିଥିଲେ । ପ୍ରାରମ୍ଭିକ ବ୍ୟାଟର ପାଥୁମ ନିଶଙ୍କା ୧୯ ରନ୍, କେଏଲ୍ ରାହୁଲ ୧୨ ରନ୍, ନିତିଶ ରାଣା ୧୫ ରନ, କରୁଣ ନାୟର ୧୩ ରନ୍ ଏବଂ ଆଶୁତୋଷ ଶର୍ମା ୧୪ ରନ୍ ସଂଗ୍ରହ କରିଥିଲେ । ଦଳର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ହୋଇଥିଲା । ୨୯ ରନ୍‌ରେ ପ୍ରଥମ ଓ ୩୬ ରନ୍‌ରେ ଦ୍ୱିତୀୟ ୱିକେଟ୍‌ର ପତନ ଘଟିଥିଲା । ସେହିପରି ୫୨ ରନ୍‌ରେ ତୃତୀୟ, ୬୧ ରନ୍‌ରେ ଚତୁର୍ଥ, ୬୯ ରନ୍‌ରେ ପଂଚମ ୱିକେଟ ପଡ଼ିଥିଲା । ଦିଲ୍ଲୀ ୧୩୪ ରନ୍‌ରେ ଷଷ୍ଠ ଏବଂ ୧୪୯ ରନ୍‌ରେ ସପ୍ତମ ୱିକେଟ ହରାଇଥିଲା ।

# ଆଇସିସି ଟି-୨୦ ଟିମ୍ ର୍‌ୟାଙ୍କିଙ୍ଗ୍ସ : ଶୀର୍ଷସ୍ଥାନ ବଜାୟ ରଖିଲା ଭାରତ



ଦୁବାଇ : ୩ ଥରର ବିଶ୍ୱକପ୍ ବିଜେତା ଭାରତ ମଙ୍ଗଳବାର ଆଇସିସି ଟି୨୦ ଟିମ୍ ର୍‌ୟାଙ୍କିଙ୍ଗ୍ସରେ ଶୀର୍ଷସ୍ଥାନ ବଜାୟ ରଖିଛି । ଗତ ମାର୍ଚ୍ଚରେ ଭାରତ ପ୍ରଥମ ଦଳ ଭାବେ ସଫଳତାର ସହିତ ଟି୨୦ ବିଶ୍ୱକପ୍ ଟାଇଟଲ ବଜାୟ ରଖିବା ସହ ରେକର୍ଡ ତୃତୀୟଥର ପାଇଁ ଟ୍ରଫି ଜିତି ଇତିହାସ ରଚିଥିଲା । ପ୍ରକାଶିତ ର୍‌ୟାଙ୍କିଙ୍ଗ୍ସରେ ୨୦୨୫ ମେ'ଠାରୁ ଖେଳାଯାଇଥିବା ସମସ୍ତ ମ୍ୟାଚ୍‌ର ୧୦୦ ପ୍ରତିଶତ ଓ ଗତ ଦୁଇବର୍ଷରେ ଖେଳାଯାଇଥିବା ମ୍ୟାଚ୍‌ର ୫୦ ପ୍ରତିଶତ ଅଂଶ ରହିଛି । ଭାରତ ୨୭୫ ପଏଂଟ ସହ ଶୀର୍ଷରେ ଥିବା ବେଳେ ଇଂଲଣ୍ଡ (୨୬୨) ଓ ଅଷ୍ଟ୍ରେଲିଆ (୨୫୮) ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି । ତେବେ ଟପ୍-୭ ଦଳ ମଧ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ । ନ୍ୟୁଜିଲାଣ୍ଡ(୨୪୭), ଦକ୍ଷିଣ ଆଫ୍ରିକା(୨୪୪), ପାକିସ୍ତାନ(୨୪୦) ଓ ୱେଷ୍ଟଇଣ୍ଡିଜ୍(୨୩୩) ଟପ୍-୭ ମଧ୍ୟରେ ରହିଛନ୍ତି । କିନ୍ତୁ ଶ୍ରୀଲଙ୍କା(୨୨୧) ନବମ ସ୍ଥାନକୁ ଖସିଥିବା ବେଳେ ବାଂଲାଦେଶ(୨୨୫) ୮ମ ସ୍ଥାନକୁ ଉଠିଛି । ଆଫଗାନିସ୍ତାନ(୨୨୦) ଦଶମ ସ୍ଥାନରେ ଥିବା ବେଳେ ଜିମ୍ବାୱେ ଓ ଆୟର୍ଲାଣ୍ଡ ଯଥାକ୍ରମେ ଏକାଦଶ ଏବଂ ଦ୍ୱାଦଶ ସ୍ଥାନରେ ରହିଛନ୍ତି ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**